

Digitized by srujanika@gmail.com



(ରୋମାଞ୍ଚକର ବିଜ୍ଞାନ ଭିତ୍ତିକ କାଳ୍ପନିକ କାହାଣୀ)

ଲେଖକ :—

ଶ୍ରୀ ଉପେନ୍ଦ୍ର କୁମାର ଜେନା

ମୂଲ୍ୟ— ଦୁଇଟଙ୍କା ମାତ୍ର

Digitized by srujanika@gmail.com

ଜଳ ରାକ୍ଷସ
JALA RAKSHYASA

●

ଲେଖକ :

ଶ୍ରୀ ଉପେନ୍ଦ୍ର କୁମାର ଜେନା, ଏମ୍. ଏ.

●

ପ୍ରକାଶିକା :

ଶ୍ରୀମତୀ ନବେନ୍ଦିତା ଜେନା

●

ପ୍ରାପ୍ତିସ୍ଥାନ :

କୁନ୍ଦବଇଜ କାର୍ଯ୍ୟାଳୟ
ବାଣୀ ବିହାର, ଭୁବନେଶ୍ୱର - ୪

●

ଶୁଭମୁହୂର୍ତ୍ତ :

ନବବର୍ଷ - ୧୯୮୩

●

ଛପା :

ଦୁଇ ହଜାର

●

ମୁଦ୍ରଣ :

ପ୍ରେସ୍ କୃଷ୍ଣଦୀପି,
ରସୁଲଗଡ଼, ଭୁବନେଶ୍ୱର-୧୦

Digitized by srujanika@gmail.com

ଜଳରାକ୍ଷସ ସଂପର୍କରେ

ଏ ଯୁଗ ହେଉଛି ବିଜ୍ଞାନର ଯୁଗ । ବିଜ୍ଞାନ ବଳରେ ଆଜି ଅସାଧ୍ୟ କାର୍ଯ୍ୟ ସାଧନ କରାଯାଇ ପାରୁଛି । ଏବେ ପୃଥିବୀର ବିଭିନ୍ନ ଦେଶର ବୈଜ୍ଞାନିକମାନେ ବହୁ ନୂତନ ଉଦ୍ଭାବନ କରିବାରେ ଲାଗିପଡ଼ିଛନ୍ତି । ମୋଟ ଉପରେ କହିବାକୁ ଗଲେ ଆଜି କେତେବର୍ଷ ପରେ ଅସମ୍ଭବ ଶବ୍ଦଟିକୁ ଲୋକେ ଭୁଲିଯିବେ ।

ଏହିପରି କେତେ ବୈଜ୍ଞାନିକ ଉଦ୍ଭାବନକୁ ଆଖି ଆଗରେ ରଖି ଜଳରାକ୍ଷସର ବିଷୟବସ୍ତୁ ପରିକଳ୍ପନା କରାଯାଇଛି । ଏଥିରେ ବର୍ଣ୍ଣନା କରାଯାଇଥିବା ସମସ୍ତ ଘଟଣାବଳୀ କାଳ୍ପନିକ ବୋଲି ବୁଝିବାକୁ ହେବ । କାହାଣୀଟି ରଚନା ସମୟରେ ଆବଶ୍ୟକତା ଦୃଷ୍ଟିରୁ କେତେକ ଇଂରାଜୀ ଶବ୍ଦ ଦିଆଯାଇଛି । ଆଶା, ପାଠକମାନେ ଏ ଗୁଡ଼ିକ ବୁଝିବାରେ କିଛି ଅସୁବିଧା ହେବନାହିଁ ।

ଆଜି ବିଜ୍ଞାନ ଆମର ଅନେକ କଲ୍ୟାଣ ସାଧନ କରୁଛି । ଅନ୍ୟପକ୍ଷରେ ବିଜ୍ଞାନକୁ ଯେଉଁମାନେ ଅସତ୍ ଉଦ୍ଦେଶ୍ୟରେ ପ୍ରୟୋଗ କରୁଛନ୍ତି ସେମାନେ ଏ ସମାଜର ଯେତେ ଉଚ୍ଚରେ ଥାଆନ୍ତୁ ନା କାହିଁକି ସେମାନେ ସମାଜର ଶତ୍ରୁ । ଉକ୍ତ ପୁସ୍ତକରେ ବର୍ଣ୍ଣିତ ରବର୍ଟଙ୍କର ଚରିତ୍ର ଏହି ଶ୍ରେଣୀର ।

ବିଜ୍ଞାନକୁ ମନୁଷ୍ୟ ସମାଜର କଲ୍ୟାଣ ଦିଗରେ ପ୍ରୟୋଗ କଲେ ଦେଶ ଓ ଜାତି ସମୃଦ୍ଧ ହେବା ସଙ୍ଗେ ସଙ୍ଗେ ମନୁଷ୍ୟ ଏ ପୃଥିବୀରେ ସବୁଠାରୁ ବୁଦ୍ଧିମାନ ଓ ବଳବାନ୍ ପ୍ରାଣୀରୂପେ ନିଜକୁ ପ୍ରତିଷ୍ଠା କରି ପାରିବ । ନଚେତ୍ ଏଇ ବିଜ୍ଞାନ ଯୋଗୁ ମନୁଷ୍ୟ ସମାଜ ଭୂ-ପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବ ।

ଶେଷରେ, ଜଳ-ରାକ୍ଷସ ପାଠକ-ପାଠିକାମାନଙ୍କୁ ଆନନ୍ଦ ଦେଇ ପାରିବ ବୋଲି ଆଶା ।

ଶ୍ରୀ ଉପେନ୍ଦ୍ର କୁମାର ଜେନା, ଏମ୍. ଏ.
ଲେଖକ

Digitized by srujanika@gmail.com

ଏହି ଲେଖକଙ୍କର ଅନ୍ୟାନ୍ୟ ପୁସ୍ତକ :—

୧. କୁହୁକ ଘଣ୍ଟି
୨. କୁହୁକ ଟୋପି
୩. କୁହୁକ ମୁଦି
୪. ରୂପା ପାହାଡ଼ର ସୁନା ସାପ
୫. ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
୬. ଆସରେ ପିଲାଏ ଗାଇବା ଗୀତ
୭. ଜଳରାକ୍ଷସ

ପ୍ରତି ଖଣ୍ଡର ମୂଲ୍ୟ—ଦୁଇଟଙ୍କା ମାତ୍ର

ପ୍ରାପ୍ତିସ୍ଥାନ :—
କଳାବିହାର କାର୍ଯ୍ୟାଳୟ
ବାଣୀବିହାର, ଭୁବନେଶ୍ୱର - ୪

Digitized by srujanika@gmail.com

(୧)

ମହାନଗରୀ କଲିକତା............

ନଅମହଲା କୋଠାର ଗୋଟିଏ ଶ୍ରେଷ୍ଠ ବଖରାରେ ବସି ଆଖିବୁଜି କଅଣ ଚିନ୍ତା କରୁଥିଲେ ଭାରତର ବିଖ୍ୟାତ ବୈଜ୍ଞାନିକ ଓ ରହସ୍ୟ ସନ୍ଧାନୀ ଡକ୍ଟର ଆଶୁତୋଷ ବର୍ମା । ସେଇଦିନ ଡାକରେ ଆସିଥିବା ଚିଠିଗୁଡ଼ାକ ଟେବୁଲ ସାରା ଖେଳାଇ ହୋଇ ପଡ଼ିଥିଲା । ବାମ ହାତର ଦୁଇଟି ଆଙ୍ଗୁଳିରେ ସେ ଚିପି ଧରିଥିଲେ ଖଣ୍ଡିଏ ସବୁଜ ରଙ୍ଗର ଲଫାପା । ଡାହାଣ ହାତରେ ଈଷତ୍ ନୀଳ ରଙ୍ଗର ଖଣ୍ଡେ କାଗଜ— ମନେ ହେଉଥିଲା ସେଇ ନୀଳ ଚିଠିଟି ହିଁ ମିଷ୍ଟର ବର୍ମାଙ୍କର ଚିନ୍ତାର କାରଣ—

ମିଷ୍ଟର ବର୍ମା ଭାବି ଚାଲିଥିଲେ—ଚିଠିଟି ପଠେଇଛି ଜଣେ ଝିଅ । ସେ ତାକୁ ଆଦୌ ଚିହ୍ନନ୍ତି ନାହିଁ । କେଡେ ଶ୍ରେଷ୍ଠ ଚିଠି !! ମାତ୍ର ଦୁଇଟି ବାକ୍ୟରେ ଚିଠିଟି ସରିଯାଇଛି !! ସେଥିରେ ଲେଖାଅଛି—

ସାର୍,

ବମ୍ବେ ଉପକୂଳରେ ଅବସ୍ଥିତ ଇଣ୍ଡିଆ ଗେଟ୍ ପାଖକୁ ଆସିବେ । ଉତ୍ତର ଦ୍ୱାର ନିକଟରେ ଗୋଟିଏ ଶ୍ରେଷ୍ଠ ଧଳା ପଥର ତଳେଥିବା ନକ୍ସାଟି ନେଇ ଅନୁସନ୍ଧାନ ଆରମ୍ଭ କରିବେ । । ଇତି ।

"ମଣିମାଳା"

Digitized by srujanika@gmail.com

(୬)

କିଏ ଏଇ ମଣିମାଳା ! କାହିଁକି ସେ ଅନୁରୋଧ କରିଛି ମି: ବର୍ମାଙ୍କୁ ! ! ସେଇ ଶ୍ରେଷ୍ଠ ନକ୍ସାଟିରେ ବା ଏମିତି କି ନିର୍ଦ୍ଦେଶ ରହିଛି ଯାହାକୁ ନେଇ ସେ ତାଙ୍କର ଅନୁସନ୍ଧାନ ଆରମ୍ଭ କରିବେ ? ସେ ଚିଠିରେ ପ୍ରେରିକା ବିସ୍ତୃତ ଭାବରେ ଘଟଣାଟି ନ ଲେଖି ଗୋଟିଏ ନକ୍ସାର ସନ୍ଧାନ ଦେବାର ଉଦ୍ଦେଶ୍ୟ କଅଣ ହୋଇପାରେ ?

ମି: ବର୍ମାଙ୍କର ଚିନ୍ତାଧାର ଫ୍ୟାନ୍‌ର ଗତିସହ ତାଳଦେଇ ଘୂରି ବୁଲୁଥିଲା !

ଏମିତି ବି ହୋଇପାରେ କେହି ମଜା ଦେଖିବାକୁ ଗୋଟେ ଚିଠି ଲେଖି ଦେଇଛି ! !

ଯା'ହେଉ ଶେଷରେ ମି: ବର୍ମା ସିଦ୍ଧାନ୍ତ କଲେ ସେ ବମ୍ବେ ଯିବେ । ଘଟଣାଟିର ଅନୁସନ୍ଧାନ କରିବେ । କେଜାଣି କାହିଁକି ତାଙ୍କର ମନେ ହେଉଥିଲା ଯେମିତି ଏହା ପଛରେ ଏକ ବିରାଟ କାହାଣୀ ଲୁଚି ରହିଛି— ଝିଅଟି ହୁଏତ ଧରା ପଡ଼ିଯିବା ଭୟରେ ସବୁକଥା ଚିଠିରେ ଲେଖିପାରି ନାହିଁ—

(୭)

ଭାରତର ପଶ୍ଚିମ ଉପକୂଳରେ ଆରବ ସାଗର ତୀରରେ ପ୍ରାସାଦମୟୀ ନଗରୀ ବମ୍ବେ ।

ଭାରତର ପୂର୍ବରୁ ପଶ୍ଚିମକୁ ଯାତ୍ରାକରି ନିରାପଦରେ ମି: ବର୍ମା ଆସି ବମ୍ବେରେ ପହଞ୍ଚିଲେ ।

ମି: ବର୍ମା ଜଣେ ଭୟଙ୍କର ଅଣାବାଜ । ଯାହା ସେ ଥରେ ସିଦ୍ଧାନ୍ତ କରି-ଥିବେ, ତାହା ଅସମ୍ଭବ ହେଲେ ମଧ୍ୟ କାର୍ଯ୍ୟରେ ପରିଣତ କରି ଦେଖାଇ ଦେବେ । ପୃଥିବୀର ପ୍ରାୟ ୩୪ଟି ଭାଷାରେ ସେ କଥାବାର୍ତ୍ତା କରି ପାରନ୍ତି । ବିଭିନ୍ନ ସମୟରେ ବିଭିନ୍ନ ବେଶ-ପୋଷାକରେ ନିଖୁଣ ଭାବରେ ନିଜକୁ ସଜାଇ ପାରନ୍ତି । ତାଙ୍କ ପାଖରେ ଅସମ୍ଭବ ବୋଲି କିଛି ନାହିଁ ।

Digitized by srujanika@gmail.com

ବମ୍ବେ ଉପକୂଳରେ ତିରିଶ ମହଲା ବିଶିଷ୍ଟ ହୋଟେଲ ସି ବର୍ଡ୍ । ଗୋଟିଏ ଶ୍ରେଷ୍ଠ ରୁମ୍ ଭଡ଼ାକୁ ନେଲେ ମି: ବର୍ମା । ରୁମ୍‌ଟିର ପଶ୍ଚିମ ପାଖ ଝରକାଟି ଖୋଲି-ଦେଲେ ଆରବ ସାଗରର ନୀଳ ଜଳରାଶି ଦେଖାଯାଏ । ସମୁଦ୍ର ଉପର ଦେଇ ବହି ଆସୁଥିବା ସୁଶୀତଳ ଲୁଣିହାଓ୍ୱାରେ ଆଖିପତା ମୁଦି ହୋଇଆସେ । ଝରକାଟି ଖୋଲିଦେଇ ମି: ବର୍ମା ସୋଫା ଉପରେ ବସି ଦୂରରୁ ସମୁଦ୍ରର ଦୃଶ୍ୟ ଦେଖୁଥାନ୍ତି ।

କ୍ରମେ ଅପରାହ୍ନ ନଇଁ ଆସିଲା ।

ରୁମ୍‌ରେ ତାଲା ଦେଇ ମି: ବର୍ମା ଲିଫ୍ଟରେ ତଳକୁ ଆସିଲେ । ହୋଟେଲ ସାମନା ଦେଇ ଲମ୍ବି ଯାଇଛି ଗୋଟିଏ ସୁନ୍ଦର ପିଚ୍‌ରାସ୍ତା ଠିକ ଆରବ ସାଗର କୂଳେ କୂଳେ । ତାକୁ କହନ୍ତି ମେରିନ୍ ଡ୍ରାଇଭ୍ । ଅସଂଖ୍ୟ କାର୍, ଟ୍ୟାକ୍‌ସି ଛୁଟି ଚାଲିଛି ତା' ଉପର ଦେଇ ।

ମି: ବର୍ମା ଗୋଟିଏ ଟ୍ୟାକ୍‌ସି ଅଟକାଇ ସେଥିରେ ବସି ପଡ଼ିଲେ । ଟ୍ୟାକ୍‌ସି ଚାଲିଲା ଇଣ୍ଡିଆ ଗେଟ୍ ଅଭିମୁଖେ । ରାସ୍ତାର ଉଭୟ ପାର୍ଶ୍ୱରେ ଆକାଶଚୁମ୍ବି ପ୍ରାସାଦ । ସନ୍ଧ୍ୟା ପାଖେଇ ଆସୁଥିବାରୁ ସମୁଦ୍ର କୂଳରେ ଗହଳି କ୍ରମଶଃ ବଢିଉଠୁଛି ।

ଇଣ୍ଡିଆ ଗେଟ୍ ପାଖରୁ ଅଳ୍ପ ଦୂରରେ ଟ୍ୟାକ୍‌ସି ଅଟକିଲା । ମି: ବର୍ମା ଭଡ଼ା ପରିଶୋଧ କରି ଇଣ୍ଡିଆ ଗେଟ ପାଖକୁ ଆସିଲେ ।

ପଥରରେ ନିର୍ମିତ 'ଇଣ୍ଡିଆ ଗେଟ' ବା 'ଭାରତର ଦ୍ୱାର' କେଉଁ ଯୁଗରୁ ନିଜର ଗର୍ବିତ ମସ୍ତକ ଟେକି ଛିଡ଼ାହୋଇ ରହିଛି । ତାର ପଥର ପାହାଚରେ ଆରବ ସାଗରର ଶ୍ରେଷ୍ଠ ଶ୍ରେଷ୍ଠ ଢେଉ ଆସି ମୁଣ୍ଡ ପିଟୁଛି ।

ମି: ବର୍ମା ଉତ୍ତର ଦ୍ୱାର ନିକଟକୁ ଗଲେ । ସବୁଆଡ଼ ତନ୍ନ ତନ୍ନ କରି ଖୋଜି କିଛି ପାଇଲେ ନାହିଁ । ଦୁଇ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ସେ ନିରାଶ ହେଲେ ।

କ୍ରମଶଃ ରାତି ଆସିଯାଇଛି । ନୀଳାଭ ବୈଦ୍ୟୁତାଲୋକରେ ଇଣ୍ଡିଆ ଗେଟ୍ ପ୍ରସ୍ତର ଦାନବ ଭଳି ଛିଡ଼ାହୋଇ ରହିଛି । ମି: ବର୍ମା ଇତସ୍ତତଃ ପଦଚାରଣ କରୁଛନ୍ତି । ତାଙ୍କର ସନ୍ଧାନୀ ଆଖି ଦୁଇଟି ଗୋଟିଏ ଶ୍ରେଷ୍ଠ ଧଳା ପଥରକୁ ଖୋଜି ବୁଲୁଛି ।

Digitized by srujanika@gmail.com

ହଠାତ୍ ତାଙ୍କର ଆଖି ପଡ଼ିଲା ଦୁଇ ଇଞ୍ଚର ଗୋଟିଏ ଛୋଟ ଧଳାପଥର ଉପରେ । ତାହା ତଳୁ ଦୁଇଫୁଟ ଉଚ୍ଚରେ କାନ୍ଥରେ ଲାଗି ରହିଛି । ସେଇଟିକୁ ହାତରେ ଖସାଇ ଦେବା ମାତ୍ରେ ଭାଙ୍ଗ ହୋଇଥିବା ଛୋଟ କାଗଜଟିଏ ତଳେ ପଡ଼ିଗଲା । ମି: ବର୍ମା ଆନନ୍ଦରେ ଅଧୀର ହୋଇ ସେଇଟିକୁ ପକେଟସ୍ଥ କଲେ । ଚାରିଆଡ଼କୁ ଚାହିଁ ଦେଖିଲେ କେହି ତାଙ୍କୁ ଲକ୍ଷ୍ୟ କରୁଛି କି ନା ।

ଜଣେ ଦୀର୍ଘକାୟ ଲୋକ, ଏକ ଦୃଷ୍ଟିରେ ଚାହିଁ ରହିଥିଲା ମି: ବର୍ମାଙ୍କର କାର୍ଯ୍ୟ କଳାପକୁ । ସେ ତାକୁ ଚାହିଁଦେବା ମାତ୍ରେ ଲୋକଟା ନୀଳ ରଙ୍ଗର ଗୋଟିଏ କାର୍‌ରେ କେଉଁଆଡ଼େ ଅଦୃଶ୍ୟ ହୋଇଗଲା ।

ମି: ବର୍ମା ତା' ଉପରେ ବେଶୀ ଗୁରୁତ୍ୱ ନଦେଇ ହୋଟେଲ ସି ହର୍ କୁ ଫେରି ଆସିଲେ ।

ରୁମ୍‌ର କବାଟ ଭିତରପଟୁ ବନ୍ଦ କରି ମି: ବର୍ମା କାଗଜଟିକୁ ଖୋଲିଲେ । ଆଶ୍ଚର୍ଯ୍ୟ !! ସେଥିରେ କିଛି ଲେଖା ନଥିଲା । ତେବେ ଏହା କଅଣ ତାଙ୍କର ଇପ୍‌ସିତ କାଗଜ ଖଣ୍ଡିକ ନୁହେଁ ?

ହଠାତ୍ ମି: ବର୍ମାଙ୍କ ମୁଣ୍ଡରେ ଏକ ବୁଦ୍ଧି ଖେଳିଗଲା । ସେ ବାକ୍‌ସ ଖୋଲି ତା ମଧ୍ୟରୁ ଗୋଟିଏ ଛୋଟ ଶିଶି ବାହାର କଲେ । ସେଥିରୁ କିଛି ତରଳ ପଦାର୍ଥ କାଗଜ ଉପରେ ଢାଳିଦେବା ମାତ୍ରେ ସେଥିରେ ଦେଖାଗଲା ଗୋଟିଏ ଛୋଟ ନକ୍‌ସା ।

ମି: ବର୍ମା ଆନନ୍ଦରେ ଚାହିଁ ରହିଲେ ନକ୍‌ସା ଆଡ଼କୁ । ମାତ୍ର କିଛି ବୁଝି-ପାରିଲେ ନାହିଁ । ଅନେକ ସମୟ ଧରି ସେ ନକ୍‌ସାଟିକୁ ଚାହିଁ ଚାହିଁ ହତାଶ ହେଲେ ।

ହଠାତ୍ କବାଟ ଖୋଲି ସେ ପଦାକୁ ଆସିବା ମାତ୍ରେ ଦେଖିଲେ କେହି ଜଣେ ତାଙ୍କ କବାଟ ପାଖରୁ ଦୂରକୁ ଚାଲିଯାଉଛି । ଲୋକଟା ମୁହୂର୍ତ୍ତିକ ମଧ୍ୟରେ ଲିଫ୍‌ଟଦେଇ ତଳକୁ ଚାଲିଗଲା ।

ମି: ବର୍ମା ମନେ ମନେ ସ୍ଥିର କରିନେଲେ ତାଙ୍କର କାର୍ଯ୍ୟକଳାପ ଉପରେ କେହି ଜଣେ ନିଶ୍ଚୟ ତୀକ୍ଷ୍ଣ ଦୃଷ୍ଟି ରଖିଛି । ଲୋକଟାକୁ ଠିକ୍ ଇଣ୍ଡିଆ ଗେଟ୍ ପାଖରେ ଦେଖିଥିଲେ । ମାତ୍ର ସେ ଆସି ଏଇ ହୋଟେଲ୍‌ରେ କି ଉଠିଲାଣି !!

Digitized by srujanika@gmail.com

ସେଦିନ ମି: ବର୍ମା ସେ ମ୍ୟାପ୍‌ରୁ କିଛି ସୂତ୍ର ଖୋଜି ପାଇଲେ ନାହିଁ ।

(୩)

ପରଦିନ ଅପରାହ୍ନରେ ସେ ବମ୍ବେର ହ୍ୟାଙ୍ଗିଙ୍ଗ୍ ଗାର୍ଡନ ବା ଝୁଲନ୍ତ ବଗିଚାରେ ଗୋଟିଏ ସିମେଣ୍ଟ ବେଞ୍ଚ ଉପରେ ବସି କଲିକତା ଫେରିଯିବା ପାଇଁ ଯୋଜନା କରୁଥାନ୍ତି । ମ୍ୟାପଟିର କୌଣସି ଗୋଟିଏ ସଙ୍କେତ ମଧ୍ୟ ବୁଝିବା ତାଙ୍କ ଦ୍ୱାରା ସମ୍ଭବ ହୋଇ ପାରୁନଥିଲା । ତେବେ ସେ ଏତିକି ବୁଝି ପାରିଥିଲେ ଯେ ସମୁଦ୍ର ମଧ୍ୟରେ ଥିବା ଗୋଟିଏ ଦ୍ୱୀପକୁ ନିର୍ଦ୍ଦେଶ କରାଯାଇଛି ।

ପକେଟରୁ ସେଇ କାଗଜ ଖଣ୍ଡିକ ବାହାର କଲେ ମି. ବର୍ମା । ପାର୍କର ଉଜ୍ଜ୍ୱଳ ଆଲୋକରେ ପୁଣି ଥରେ ତାକୁ ନିରୀକ୍ଷଣ କରିବାକୁ ଲାଗିଲେ ।

ହଠାତ୍ କେହି ଜଣେ ତାଙ୍କ ଉପରକୁ କୁଦି ପଡ଼ିଲା । ମି. ବର୍ମା ତଳେ ପଡ଼ିଗଲେ । ତାଙ୍କ ହାତରୁ ନକ୍ସାଟି ଛଡ଼ାଇ ନେଇ ଆଘାତ ଦେଇଥିବା ଲୋକଟା ଦୌଡ଼ିବାକୁ ଲାଗିଲା । ମି: ବର୍ମା ତାକୁ ଅଳ୍ପ ଦୂରରୁ ଧରି ନେଇ, ଏକ ବଜ୍ର ମୁଷ୍ଟି ଦେଲେ । ଲୋକଟା ତଳେ ପଡ଼ିଗଲା । ତା' ଉପରେ ମାଡ଼ିବସି ତା ଟ୍ରାଉଜ ପକେଟରୁ କାଗଜ ଖଣ୍ଡିଏ ଟାଣି ଆଣିଲେ । ମାତ୍ର ତା ଭିତରୁ ବାହାରି ଆସିଲା ଦୁଇ ଖଣ୍ଡ କାଗଜ । ମି: ବର୍ମା କାଗଜ ଦୁଇଟିକୁ ପକେଟରେ ପୂରାଇ ଲୋକଟାର ମୁହଁକୁ ପୁଣି ଏକ ଭୁଷି ମାରିଲେ । ପାଟି ଭିତରୁ ଲାଲ ରଙ୍ଗର ରକ୍ତ ଝରି ତାର କାମିଜ ଓଦା ହୋଇଗଲା ।

ମି. ବର୍ମା ତାକୁ ଟେକି ଉଠାଇ ତାର ବେକକୁ ଚିପି ଧରି ପଚାରିଲେ—ସତ କହ ତୁ କିଏ ନଚେତ୍ ଜୀବନରେ ଶେଷ କରିଦେବ । ଲୋକଟା କେବଳ ଗଁ ଗଁ ହେବାକୁ ଲାଗିଲା ।

ମି: ବର୍ମା ହାତର ଗୁପକୁ ଆଡୁର ବଢ଼ାଇ ଦେଇ ଚିତ୍କାର କରି ଉଠିଲେ— ଶୀଘ୍ର କହ, ନଚେତ୍.............

ଲୋକଟା ହାତରେ ଠାରିଲା ସବୁ କହିବ ବୋଲି । ମି: ବର୍ମା ତାକୁ ଛାଡ଼ିଦେଲେ । ଲୋକଟା ନିଜ ଗଳାକୁ ଟିକିଏ ହାତରେ ଆଉଁସି ହଠାତ୍ ପଛକୁ ଫେରି ଦୌଡ଼ିବାକୁ ଲାଗିଲା ।

Digitized by srujanika@gmail.com

ମି: ବର୍ମା ଆଉ ତାକୁ ଗୋଡ଼ାଇ ଧରିପାରିଲେ ନାହିଁ । ଲୋକଟା ରାସ୍ତା ମୋଡ଼ରେ କେଉଁଆଡ଼େ ଅଦୃଶ୍ୟ ହୋଇଗଲା ।

ପାର୍କ ସେତେବେଳକୁ ଜନଶୂନ୍ୟ ହୋଇ ଯାଇଥିଲା । ମି: ବର୍ମା ଗୋଟିଏ ଟ୍ୟାକ୍ସିରେ ହୋଟେଲକୁ ଫେରି ଆସିଲେ ।

ଲୋକଟିର ପକେଟରୁ ଉଦ୍ଧାର କରିଥିବା କାଗଜ ଖଣ୍ଡିକୁ ଦେଖି ମି: ବର୍ମା ଚମକି ପଡ଼ିଲେ । ସେଥିରେ କିଛି ଲେଖା ନଥିଲା, କେବଳ ଗୋଟିଏ କୋଣରେ ଗୋଟିଏ ଭୟଙ୍କର ରାକ୍ଷସ ମୁଣ୍ଡର ଛବି ଥିଲା ।

ମି: ବର୍ମା ଶିଶିରୁ ତରଳ ପଦାର୍ଥ କିଛି ଢାଳିଦେଲେ । ଏଥର ପରିଷ୍କାର ଭାବେ ଚିଠିଟି ପଢ଼ିହେଲା । ସେଥିରେ ଲେଖାଥିଲା—

ଟାଇଗର !

ଜନ୍, ହେନେରୀ ଓ ଜର୍ଜ ଏଠାରୁ ଖସି ଚାଲିଯାଇଛନ୍ତି । ସେମାନଙ୍କର ଜୀବିତ ନହେଲେ ବି ମୃତଦେହ ମୋର ଦରକାର । ଇଣ୍ଡିଆ ଗେଟ୍ ପାଖରେ ମିସ ମଣିମାଳା ହଜାଇ ଦେଇ ଆସିଥିବା ନକ୍ସାଟିର ସନ୍ଧାନ କର । ଆବଶ୍ୟକ ହେଲେ ରେଡ୍‌ଫିନ୍‌ର ସାହାଯ୍ୟ ନିଅ ।ଇତି।

ଜଳରାକ୍ଷସ

କିଏ ଏହି ଜଳରାକ୍ଷସ ! କଅଣ ତାର ପରିଚୟ !! ମିସ୍ ମଣିମାଳା ହଜାଇ ଦେଇଥିବା ନକ୍ସାଟି କଅଣ ଏହି ନକ୍ସା । ଜନ୍, ହେନେରୀ ଓ ଜର୍ଜ ଏମାନେ କିଏ ? ଏମାନଙ୍କୁ ଜୀବନ୍ତ ବା ମୃତ ଅବସ୍ଥାରେ ପାଇବା ପାଇଁ ଜଳରାକ୍ଷସ କାହିଁକି ବ୍ୟସ୍ତ ?? ରେଡ୍‌ଫିନ୍ ବା କଅଣ ??

ମି: ବର୍ମାଙ୍କ ମୁଣ୍ଡରେ ଅସଂଖ୍ୟ ପ୍ରଶ୍ନବାଚୀ । ଏବେ ସେ ଅନୁଭବ କଲେ ତାଙ୍କର ବମ୍ବେ ଆସିବା ବ୍ୟର୍ଥ ହୋଇନାହିଁ । ଧୀରେ ଧୀରେ ସେ ରହସ୍ୟ ଜାଲ ଭେଦ କରିବାକୁ ଯାଉଛନ୍ତି । ତାଙ୍କର କଲିକତା ଫେରି ଆସିବା ପାଇଁ ଯେଉଁ ଯୋଜନା ସେ ତିଆରି କରିଥିଲେ ତାକୁ ବାତିଲ୍ କରିଦେଲେ ।

Digitized by srujanika@gmail.com

ମି: ବର୍ମା ବାକ୍ସ ଖୋଲି ଜଣେ ପଞ୍ଜାବୀ ଭଦ୍ର ଲୋକର ପୋଷାକ ପିନ୍ଧିଲେ ଓ ପକେଟରେ ନିଜର ପ୍ରିୟ ପିସ୍ତଲ ଝଣ୍ଡ୍ରିକ ରଖି ମେରିନ୍ ଡ୍ରାଇଭ୍‌କୁ ଆସିଲେ । ଗୋଟିଏ ଟାକ୍ସିରେ ବସି ସେ ଆଗେଇ ଚାଲିଲେ ଇଣ୍ଡିଆ ଗେଟ୍ ପାଖକୁ । ସାବଧାନରେ ପକେଟରୁ ବାହାର କଲେ ଏକ ଦୂରବୀକ୍ଷଣ ଯନ୍ତ୍ର । ଯେଉଁଥିରେ କେବଳ ରାତିରେ ବହୁ ଦୂରର ଜିନିଷ ଅତି ପରିଷ୍କାର ଭାବେ ଦେଖାଯାଏ ।

ଦୂରବୀକ୍ଷଣ ଯନ୍ତ୍ରରେ ସମୁଦ୍ରର ବହୁ ଦୂରକୁ ଲକ୍ଷ୍ୟ କରୁଥାନ୍ତି ମି: ବର୍ମା । ଗୋଟିଏ ସ୍ଥାନରେ ତାଙ୍କର ଦୃଷ୍ଟି ଅଟକି ଗଲା । ଦେଖିଲେ ଗୋଟିଏ ଛୋଟ ଜାହାଜ ଉପକୂଳ ଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ନଙ୍ଗର ପକାଇଛି । ସେହି ଜାହାଜରେ ଲେଖା ଅଛି "ରେଡ୍‌ଫିନ୍" । ମି: ବର୍ମା ଯେପରି ସ୍ୱପ୍ନ ଦେଖୁଛନ୍ତି । ସେ ଚିନ୍ତା କରିପାରୁ ନଥିଲେ ଯେ ରେଡ୍‌ଫିନ୍ ଗୋଟିଏ ଜାହାଜର ନାମ ।

ରାତି କ୍ରମଶଃ ଗଭୀର ହେବାକୁ ଲାଗିଲା । ସମୁଦ୍ର କୂଳ ନିର୍ଜନ ହୋଇ ଆସିଲା । ମି: ବର୍ମା କୂଳରେ ବନ୍ଧା ହୋଇଥିବା ଗୋଟିଏ ଛୋଟ ହୁଲି ଡଙ୍ଗାରେ ବସି ଆହୁଲା ମାରି ମାରି ରେଡ୍‌ଫିନ୍ ଅଭିମୁଖେ ଚାଲିଲେ ।

ଅକ୍ଳାନ୍ତ ପରିଶ୍ରମ କରି ବହୁ କଷ୍ଟରେ ମି: ବର୍ମା ପ୍ରାୟ ଦୁଇଘଣ୍ଟା ପରେ ଜାହାଜ ନିକଟରେ ପହଞ୍ଚିଲେ । ଜାହାଜର ଆଲୁଅ ଲିଭି ଯାଇଥିଲା । ସମ୍ଭବତଃ ସମସ୍ତ କର୍ମଚାରୀ ଶୋଇ ପଡ଼ିଥିଲେ ।

ଜାହାଜର ନଙ୍ଗର ଦଉଡ଼ି ସହିତ ହୁଲି ଡଙ୍ଗାଟି ବାନ୍ଧିଦେଇ ସେଇ ଦଉଡ଼ିକୁ ଧରି ଜାହାଜ ଉପରକୁ ଉଠିବାକୁ ଲାଗିଲେ ସେ । ସାମାନ୍ୟ ଅସାବଧାନ ହେଲେ ସମୁଦ୍ରରେ ଖସି ପଡ଼ିବେ ଓ ଶତ୍ରୁମାନଙ୍କ ହାତରେ ଧରାପଡ଼ି ପ୍ରାଣ ଦେବେ । ତେଣୁ ଖୁବ୍ ସତର୍କତାର ସହିତ ଚଢ଼ି ସେ ଜାହାଜର ଡେକ୍ ଉପରକୁ ଆସିଲେ ।

ଡେକ୍ ଉପରେ କେତେଜଣ ଶୋଇଥିବାର ଦେଖି ସେ ଲୁଚିଗଲେ । ଅନ୍ଧାରରେ ସ୍ପଷ୍ଟ ଦିଶୁ ନଥିଲା । ସେ ଦୂରବୀକ୍ଷଣ ଯନ୍ତ୍ର ଲଗାଇ ଦେଖି ପାରିଲେ ତିନିଜଣ ଲୋକ ଶକ୍ତ ଦଉଡ଼ିରେ ବନ୍ଧାହୋଇ ପଡ଼ିଛନ୍ତି । ମି: ବର୍ମା ଭାବିଲେ ଏମାନଙ୍କୁ ଯଦି କୌଶଳକ୍ରମେ ଏଠାରୁ ଉଦ୍ଧାର କରି ପାରନ୍ତେ ତେବେ ସବୁକିଛି ଏମାନଙ୍କ ଠାରୁ ଜଣା ପଡ଼ନ୍ତା ।

Digitized by srujanika@gmail.com

ସେ ଆସ୍ତେ ସେମାନଙ୍କ ପାଖକୁ ଯାଇ ନୀରବ ରହିବାକୁ ସମସ୍ତଙ୍କୁ ସଙ୍କେତ ଦେଲେ ଓ ସମସ୍ତଙ୍କର ବନ୍ଧନ ଖୋଲିଦେଲେ ।

ତିନଜଣଯାକଙ୍କ ହୃଦୟ କୃତଜ୍ଞତାରେ ଭରିଗଲା । ସେମାନେ ମିଃ ବର୍ମାଙ୍କର ଦୁଇହାତକୁ ଜାବୁଡ଼ି ଧରି ଚୁମ୍ବନ ଦେଲେ । ମିଃ ବର୍ମା ସମସ୍ତଙ୍କୁ ସଙ୍କେତ ଦେଲେ ନଙ୍ଗର ଦଉଡ଼ି ଧରି ତଳକୁ ଓହ୍ଲାଇ ଆସିବା ପାଇଁ । ସେ ନିଜେ ପ୍ରଥମେ ତଳକୁ ଓହ୍ଲାଇ ଯାଇ ଡ଼ୁଙ୍ଗା ଡଙ୍ଗାରେ ଅପେକ୍ଷା କଲେ । ପରେ ପରେ ଅନ୍ୟ ତିନିଜଣ ଡଙ୍ଗାକୁ ଓହ୍ଲାଇ ଗଲେ ।

ତା'ପରେ ୪ ଜଣଙ୍କୁ ଧରି ଡ଼ୁଙ୍ଗା ଡଙ୍ଗାଟି ଆରବ ସାଗରର ଛୋଟ ଛୋଟ ଢେଉ କାଟି କୂଳ ଆଡ଼କୁ ଅଗେଇ ଆସିଲା ।

(୪)

ହୋଟେଲ ସି-ବଚ଼ର ଏକ ଅବନ୍ଧ କୋଠରୀରେ ବସି କଫି ପାନ କରୁଥିଲେ ମିଃ ବର୍ମା ଓ ଆଗନ୍ତୁକ ତିନିଜଣ । ଏ ପର୍ଯ୍ୟନ୍ତ ମିଃ ବର୍ମା ସେମାନଙ୍କ ସହିତ କୌଣସି କଥାବାର୍ତ୍ତା କରି-ନଥିଲେ । ସେ ପ୍ରଥମେ ଆରମ୍ଭ କଲେ—

ମୁଁ ଆପଣମାନଙ୍କ ପରିଚୟ ଜାଣିପାରେ କି ?

—ମୁଁ କ୍ୟାପ୍ଟେନ୍ ଜନ୍

—ମୁଁ ଇଞ୍ଜିନିୟର ହେନେରୀ ସାକ୍ସେନା

—ମୁଁ ଡକ୍ଟର ଜର୍ଜ

ତିନିଜଣଯାକ ଉତ୍ତର ଦେଲେ ।

ସେମାନଙ୍କ ନାମ ଶୁଣି ମିଃ ବର୍ମା କିଛି ସମୟ ଚିନ୍ତାକଲେ ଓ ସେ ଅପରିଚିତ ଲୋକ-ଠାରୁ ଉଦ୍ଧାର କରିଥିବା ଚିଠି ଖଣ୍ଡିକ ସେମାନଙ୍କ ହାତକୁ ବଢ଼ାଇ ଦେଲେ ।

କ୍ୟାପ୍ଟେନ୍ ଜନ୍ ଚିଠି ଖଣ୍ଡିକ ଧରିଲେ । ଅନ୍ୟ ଦୁଇଜଣ ମଧ୍ୟ ଚିଠିଟିକୁ ପଢିଲେ । ସେଥିରେ ଲେଖାଥିବା ଗୋଟିଏ ଧାଡ଼ି ପଢି ସମସ୍ତଙ୍କର ହୃତ୍‌କମ୍ପ ଜାତ ହେଲା ।

"ଜନ୍, ହେନେରୀ ଓ ଜର୍ଜ, ଏମାନଙ୍କର ଜୀବିତ ନ ହେଲେ ବି ମୃତ ଦେହ ମୋର ଦରକାର ।"

Digitized by srujanika@gmail.com

ତିନିଜଣଯାକ ସମସ୍ୱରରେ କହି ଉଠିଲେ, ଆମକୁ ବଞ୍ଚାନ୍ତୁ ସାର୍ ! ଦୟାକରି ଆପଣଙ୍କର ପରିଚୟ ଦିଅନ୍ତୁ ।

ମି: ବର୍ମା କହିଲେ— ମୁଁ ହେଉଛି ଜଣେ ରହସ୍ୟ ସନ୍ଧାନୀ ଓ ଜଣେ ଭାରତୀୟ ବୈଜ୍ଞାନିକ । ମୋର ନାଁ ଡକ୍ଟର ଆଶୁତୋଷ ବର୍ମା ।

ଡକ୍ଟର ବର୍ମା !!! ଏକ ସମୟରେ ସମସ୍ତେ ଚିତ୍କାର କରିଉଠିଲେ । ସେମାନେ ସମସ୍ତେ ଭାରତର ଏହି ପ୍ରଖ୍ୟାତ ବ୍ୟକ୍ତିଙ୍କ ନାମ ଖବର କାଗଜରୁ ପଢ଼ିଥିଲେ ମଧ୍ୟ ତାଙ୍କୁ ଦେଖିବାର ସୁଯୋଗ ପାଇ ନଥିଲେ ।

ମି: ବର୍ମା କହିଲେ—ଦେଖନ୍ତୁ ମୁଁ ଗୋଟିଏ ଛୋଟିଆ ସୂତ୍ରଧରି ବହୁଦୂରକୁ ଆଗେଇଆସି-ପାରିଛି । ଆଶାକରେ ଆପଣମାନେ ଜଳ ରାକ୍ଷସ ସମ୍ବନ୍ଧରେ ମୋତେ କିଛି ସୂଚନା ଦେବେ ଓ ନିଜ ନିଜର ପରିଚୟ ପ୍ରଦାନ କରିବେ । ତା' ହେଲେ ମୁଁ ଆପଣମାନଙ୍କୁ ବଞ୍ଚାଇବା ପାଇଁ ସାହାଯ୍ୟ କରିପାରେ । ପ୍ରଥମେ କୁହନ୍ତୁ ଆପଣମାନେ 'ରେଡ୍‌ଫିନ୍' ଜାହାଜରେ ବନ୍ଦୀହେଲେ କପରି ?

ସେମାନଙ୍କ ମଧ୍ୟରୁ ଜଣେ ଉତ୍ତର ଦେଲା—ମି: ବର୍ମା, ଆପଣ ଆମର ଜୀବନ ରକ୍ଷା କରିଛନ୍ତି ଆମେ ଆପଣଙ୍କ ନିକଟରେ ଋଣୀ । ଆପଣଙ୍କୁ ଆମେ ସବୁକଥା କହିବୁ । କିନ୍ତୁ ଆପଣ ଆମକୁ ରକ୍ଷା କରିବେ ବୋଲି ପ୍ରତିଶ୍ରୁତି ଦିଅନ୍ତୁ । ସଙ୍ଗେ ସଙ୍ଗେ ମି: ବର୍ମା କହିଲେ, "ବନ୍ଧୁଗଣ ମୁଁ ଶପଥ କରୁଛି ମୋର ଜୀବନ ବିନିମୟରେ ମୁଁ ତୁମମାନଙ୍କୁ ରକ୍ଷା କରିବି ।"

ସେମାନଙ୍କ ଭିତରୁ ଜଣେ କହିଲା, "ଆପଣ ଯେତେବେଳେ ଆମକୁ ବନ୍ଧୁ ବୋଲି ସମ୍ବୋଧନ କରୁଛନ୍ତି ଆଜିଠାରୁ ଆମେ ସମସ୍ତେ ବନ୍ଧୁତା ସୂତ୍ରରେ ଆବଦ୍ଧ ହେଲେ । ଏଥର ଶୁଣନ୍ତୁ ଆମ କଥା— ଆମେ ତିନିଜଣ ହେଉଛୁ ଦୁନିଆର ସବୁ ଶତ୍ରୁମାନ 'ଜଳ ରାକ୍ଷସ'ର ଅନୁଚର । ସାମାନ୍ୟ ଅପରାଧରେ ଜଳ ରାକ୍ଷସ ଆମକୁ ମୃତ୍ୟୁଦଣ୍ଡ ଦେଇଥିଲା । କୌଶଳ କ୍ରମେ ଗୋଟିଏ ଜାହାଜରେ ଆମେ ସେଠୁ ଖସି ପଳାଇ ଆସୁଥିଲୁ । ଏକଥା 'ଜଳ ରାକ୍ଷସ' ଜାଣିପାରି ସମୁଦ୍ରରେ କୃତ୍ରିମ ଝଡ଼ ସୃଷ୍ଟି କରି ଆମ ଜାହାଜକୁ ବୁଡ଼ାଇ ଦେଲା । ବହୁ କଷ୍ଟରେ ପହଁରି

Digitized by srujanika@gmail.com

ପହଁରି ଆମେ ଆସି ଯେଉଁ ଜାହାଜରେ ଆଶ୍ରୟ ନେଲୁ ତାହା ମଧ୍ୟ ଜଳ ରାକ୍ଷସର । ସେଠାରେ ଆମେ ତାର ଅନୁଚର ହାତରେ ବନ୍ଦୀ ହେଲୁ ।

ମି: ବର୍ମାଙ୍କ ଗୋଟିଏ ପ୍ରଶ୍ନର ଉତ୍ତର ଦେଇ ସେ କହିଲେ, "ବନ୍ଧୁ ! ଆମେ ଜଳରାକ୍ଷସକୁ ଆଖିରେ ଦେଖିନାହୁଁ । ତାକୁ କେହି ମଧ୍ୟ ଦେଖି ନାହାନ୍ତି । କିନ୍ତୁ ତା ପାଖରେ ଅସାଧ ବୋଲି କିଛି ନାହିଁ । ଏ ପୃଥିବୀର ସେ ହେଉଛି ଜଣେ ସର୍ବଶ୍ରେଷ୍ଠ ବୈଜ୍ଞାନିକ । ସମୁଦ୍ର ମଝିରେ ଏଠାରୁ ପ୍ରାୟ ଦୁଇ ହଜାର କିଲୋମିଟର ଦୂରରେ ଗୋଟିଏ ଛୋଟ ଦ୍ୱୀପ ଅଛି । ସେଇଠି ତାର ବିରାଟ ପ୍ରାସାଦ । ବିଜ୍ଞାନ ବଳରେ ସେ ଅସାଧ ସାଧନ କରି ପାରିଛି । ପୃଥିବୀର ବିଭିନ୍ନ ଦେଶରୁ ସୁନ୍ଦର ପୁଅ ଝିଅଙ୍କୁ ନେଇ ପୃଥିବୀ ଭଳି ଆଉ ଏକ ନୂତନ ପୃଥିବୀ ସୃଷ୍ଟି କରିବା ତାର ଲକ୍ଷ୍ୟ । ସବୁ ଶେଷରେ ପୃଥିବୀର ସମସ୍ତ ସ୍ଥଳ ଭାଗକୁ ସମୁଦ୍ରର ଉତ୍ତାଳ ତରଙ୍ଗମାଳା ଭିତରେ ବୁଡ଼ାଇ ଦେଇ ଧ୍ୱଂସ କରିଦେବାକୁ ତାର ଇଚ୍ଛା । ଆମେ ହୃଦୟରେ ଏହା ଗ୍ରହୁଁନା । ଏକଥା କୌଣସି ମତେ ଜାଣିପାରି ସେ ଆମକୁ ମୃତ୍ୟୁଦଣ୍ଡ ଦେବାକୁ ସ୍ଥିର କରିଥିଲା । ସୌଭାଗ୍ୟ କ୍ରମେ ଆମେ ବଞ୍ଚିଯାଇଛୁ ।"

ମି: ବର୍ମା ସେମାନଙ୍କ ଠାରୁ ସବୁକଥା ଶୁଣିସାରି କହିଲେ, ଆପଣମାନଙ୍କ ସହ ଦେଖା-ହୋଇ ଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି । ମୁଁ ମଧ୍ୟ ଜଳ ରାକ୍ଷସର ସନ୍ଧାନରେ ବାହାରି ଥିଲି । ଯାହାହେଉ ଆପଣମାନେ ମୋତେ ନିଶ୍ଚୟ ସାହାଯ୍ୟ କରିବେ ବୋଲି ଆଶା । ଏବେ ଦୟାକରି ପ୍ରତ୍ୟେକ ନିଜ ନିଜର ପରିଚୟ ଦିଅନ୍ତୁ ।

ଏହାଶୁଣି ପ୍ରଥମ ବ୍ୟକ୍ତି ଆରମ୍ଭ କଲେ— ମୋ ନାଁ ଜନ୍ । ମୁଁ ଅମେରିକାର ଅଧିବାସୀ । ଆଜକୁ ପ୍ରାୟ କୋଡ଼ିଏ ବର୍ଷ ତଳେ ମୁଁ ଆମେରିକାର ଗୋଟିଏ ବଡ଼ ଜାହାଜରେ କ୍ୟାପ୍‌ଟେନ୍ କାମ କରୁଥିଲି । ଥରେ ଜାହାଜଟି ଅଷ୍ଟ୍ରେଲିଆ ଅଭିମୁଖରେ ଚାଲିଥାଏ । ଏହି ସମୟରେ ସମୁଦ୍ରରେ ପ୍ରବଳ ଝଡ଼ ଆରମ୍ଭ ହୋଇଗଲା । ଅର୍ଦ୍ଧ ସାତ ଦିନ ଧରି ଏହି ଝଡ଼ ଲାଗି ରହିଲା । ଏଭଳି ଭୟଙ୍କର ଝଡ଼ ମୋ ଜୀବନରେ ପ୍ରଥମ ଦେଖିଲି । ଜାହାଜଟିକୁ ଏହି ଝଡ଼ କବଳରୁ ରକ୍ଷା କରିବା ପାଇଁ ମୁଁ ଏବଂ ମୋର ବନ୍ଧୁମାନେ ବହୁ ଚେଷ୍ଟାକଲୁ । ମାତ୍ର ସମସ୍ତ ଚେଷ୍ଟା ବ୍ୟର୍ଥ ହେଲା । ଶେଷରେ ଜାହାଜଟି ସମୁଦ୍ର ତଳେ ଥିବା ଏକ ପାହାଡ଼ରେ ପିଟିହୋଇ

Digitized by srujanika@gmail.com

ବୁଡ଼ିବାକୁ ବସିଲା । ଜାହାଜ ଭିତରେ ଥିବା ତିନିଖଣ୍ଡ ମଟର ଲଞ୍ଚ ସାହାଯ୍ୟରେ ଆମେ ପ୍ରାୟ ୧୦୦ ଜଣ ଯାତ୍ରୀ କୌଣସି ମତେ କିଛିଦୂର ଅଗେଇ ଆସିଲୁ । ସେତେବେଳକୁ ସକାଳ ୮ଟା । ଝଡ଼ର ପ୍ରକୋପ କମି ଆସୁଥାଏ । ଅଳ୍ପ ଦୂରରେ ଗୋଟିଏ ଛୋଟ ଦ୍ୱୀପ ଦେଖାଗଲା । ଆମେ ସମସ୍ତେ ସେହି ଛୋଟ ଦ୍ୱୀପ ଆଡ଼କୁ ଲଞ୍ଚ ଚଳାଇ ନେଲୁ । ଦ୍ୱୀପରେ ପହଞ୍ଚି ଦେଖିଲୁ ତାହା ଜନ-ମାନବ ଶୂନ୍ୟ । ଭୋକ-ଶୋଷରେ ସମସ୍ତେ ଅଣ୍ଟ୍ ପାଣ୍ଟ୍ ହେଉଥାନ୍ତି । ଅଳ୍ପ ଦୂରରେ ଆମ ଜାହାଜଟା ବୁଡ଼ି ଯାଉଥାଏ ।

ଆମ ଦୁର୍ଦ୍ଦଶା କଥା ଜଣାଇ ସାହାଯ୍ୟ ମାଗିବାକୁ ଉପାୟ ନଥିଲା । ଏହି ନିର୍ଜନ ଦ୍ୱୀପରେ ମୃତ୍ୟୁ ନିଶ୍ଚିତ ବୋଲି ଆମେ ଧରି ନେଇଥିଲୁ । ପ୍ରାୟ ପାଞ୍ଚଦିନ ପରେ ଦୂରରୁ ଆମେ ଗୋଟିଏ ବଡ଼ ଜାହାଜ ଦ୍ୱୀପ ଆଡ଼କୁ ଆସୁଥିବାର ଦେଖିଲୁ । ଆମ ମନରେ ଆଶାର ସଞ୍ଚାର ହେଲା । ସମସ୍ତେ ଆନନ୍ଦରେ ଅସ୍ଥିର ହୋଇ ଭଗବାନଙ୍କୁ କୃତଜ୍ଞତା ଜଣାଇଲୁ ।

ଜାହାଜଟି ପାଖକୁ ଆସିବା ପରେ ଦେଖାଗଲା ପ୍ରାୟ ଶହେଟି ବନ୍ଧୁକ ଆମ ଆଡ଼କୁ ମୁହାଁଇ ରହିଛି । ଏହି ସମୟରେ ଜାହାଜ ଭିତରୁ ମାଇକ ସାହାଯ୍ୟରେ ଘୋଷଣା କରାଗଲା ସେମାନଙ୍କ କଥା ନ ମାନିଲେ ମୃତ୍ୟୁ ସୁନିଶ୍ଚିତ । ସେମାନଙ୍କ କଥାମାନି ଆମେ ଶହେ ଜଣ ସେହି ନିର୍ଜନ ଦ୍ୱୀପରେ ନୂଆ ଢଙ୍ଗର ଗୋଟିଏ କୋଠା ତିଆରି କରିବାରେ ଲାଗିଲୁ । ଦିନରେ ଦୁଇଥର ଆମକୁ ଜାହାଜ ମଧ୍ୟରୁ ଖାଇବାକୁ ମିଳୁଥିଲା । ଯିଏ କାମ କରୁ ନଥିଲା କିମ୍ବା କଥା ମାନୁ ନଥିଲା ତାକୁ ଗୁଳିକରି ମାରି ଦିଆଯାଉଥିଲା । ଏହିଭଳି ଭାବରେ ଗୋଟିଏ ବର୍ଷ ବିତି-ଗଲା । କୁଳି ମଜୁରିଆଙ୍କ ଭଳି ଖଟି ଖଟି ଆମର ସ୍ୱାସ୍ଥ୍ୟ ଖରାପ ହୋଇ ଯାଇଥାଏ । ଶହେ ଜଣଙ୍କ ମଧ୍ୟରୁ ଆଉ ମାତ୍ର ଅଶୀଜଣ ବଞ୍ଚି ରହିଥାନ୍ତି ।

କୋଠା କାମ ସରିଯିବା ପରେ ଦିନେ ଆମ ସମସ୍ତଙ୍କୁ ନିର୍ଦ୍ଦେଶ ଆସିଲା ଜାହାଜରୁ ସମସ୍ତ ଜିନିଷ ପତ୍ର ନେଇ ସେମାନଙ୍କ ପାଇଁ ରଖିବାକୁ । ସେହି କଥା କଲୁ । ଜାହାଜରେ ଥିବା ପଚିଶ ଜଣ ବନ୍ଧୁକଧାରୀ ଲୋକ ଆମ ସହିତ ସହଯୋଗ କଲେ । ସେହିଦିନ ସନ୍ଧ୍ୟାରେ ସେହି ନିର୍ଜନ ଦ୍ୱୀପରେ ଗୋଟିଏ ବଡ଼ ସଭା ହେଲା । ସଭାରେ ଜଣେ କଳା ପୋଷାକ ପିନ୍ଧା ବଳିଷ୍ଠ ଲୋକ ଭାଷଣ ଦେଇ କହିଲେ, ଆଜିଠୁଁ ସମସ୍ତେ ଏହି ନୂତନ ଦ୍ୱୀପର ବାସିନ୍ଦା । ସମସ୍ତଙ୍କୁ

Digitized by srujanika@gmail.com

ଏଇଠି ନୂଆ କରି ସଂସାର ରଚନା କରିବାକୁ ହେବ । ସମସ୍ତଙ୍କୁ ସବୁ ପ୍ରକାର ସୁବିଧା ଦିଆଯିବ । ସେଇ ଦିନଠୁ ଆମେ ସେଇ ଅଜଣା ବ୍ୟକ୍ତି ନିର୍ଦ୍ଦେଶରେ ରହି ଆସିଛୁ । ସେହି ବ୍ୟକ୍ତି ହେଉଛି 'ଜଳ ରାକ୍ଷସ' । ତା' ପାଖରେ ଅସାଧ କିଛି ନାହିଁ । ଅସାମାନ୍ୟ ବୁଦ୍ଧି ସମ୍ପନ୍ନ ସେ ଲୋକଟା । ତା' ପାଖରେ ରହି ତାରି ଜାହାଜ ଚଳେଇ ସୁଦ୍ଧା ମୁଁ ତାକୁ ଆଜି ପର୍ଯ୍ୟନ୍ତ ଦେଖି ନାହିଁ । ଜୀବନରେ ଘରକୁ ଫେରିବା ଆଶା ନଥିଲା । ଯାହା ହେଉ ଭଗବାନଙ୍କ ଅସୀମ କୃପାରୁ ମୁଁ ବଞ୍ଚି ଯାଇଛି । ଏତିକି କହି କ୍ୟାପ୍ଟେନ୍ ଜନ୍ ନୀରବ ହେଲେ ।

ତା'ପରେ ଦ୍ୱିତୀୟ ବ୍ୟକ୍ତି ତାଙ୍କର କଥା ଆରମ୍ଭ କଲେ— ମୋର ନାମ ହେନେରି ସାକ୍ସେନା । ମୁଁ ଋଷର ଜଣେ ଇଞ୍ଜିନିୟର । ଆଜକୁ ପ୍ରାୟ କୋଡ଼ିଏ ବର୍ଷ ତଳେ ମୋତେ ମୋ ଘରୁ ଶୋଇଥିବା ଅବସ୍ଥାରେ ଜଳ ରାକ୍ଷସର ଲୋକମାନେ ଅପହରଣ କରି ଆଣିଲେ । ସେମାନଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ କାର୍ଯ୍ୟ ନକଲେ ମୋତେ ମାରି ଦିଆଯିବ ବୋଲି ଧମକ ଦିଆଗଲା । ବାଧ୍ୟହୋଇ ମୁଁ ସେହି ଦ୍ୱୀପରେ ତିଆରି ହେବାକୁ ଯାଉଥିବା ଗୁପ୍ତ କୋଠରୀର ନକ୍ସା ପ୍ରଭୃତି ପ୍ରସ୍ତୁତ କରିଥିଲି ଓ ସେଇଠାରେ ସେମାନଙ୍କ ଅଧୀନରେ ରହିଥିଲି । 'ଜଳ ରାକ୍ଷସ' ସହିତ ମୋର ଆଜି ସୁଦ୍ଧା ସାକ୍ଷାତ ହୋଇନାହିଁ । କିନ୍ତୁ ସେ ଯେ ଅତି ନିଷ୍ଠୁର ଏବଂ ସାମାନ୍ୟ ଅପରାଧରେ ମୃତ୍ୟୁଦଣ୍ଡ ଦେଉଥାଏ ଏହା ମୁଁ ପ୍ରତ୍ୟକ୍ଷରେ ଦେଖିଛି । ଯାହାହେଉ କୌଶଳ କ୍ରମେ ଆମେ ଜୀବନ ନେଇ ସେହି ସ୍ଥାନରୁ ଫେରିଆସି ପାରିଛୁ ତାହା ସୌଭାଗ୍ୟର କଥା । ଏତିକି କହି ଇଞ୍ଜିନିୟର ସାକ୍ସେନା ନୀରବ ହେଲେ ।

ତା' ପରେ ତୃତୀୟ ବ୍ୟକ୍ତି ଆରମ୍ଭ କଲେ — ମୋ ନାଁ ଜର୍ଜ । ମୁଁ ଇଂଲଣ୍ଡର ଜଣେ ଡାକ୍ତର । ଦିନେ ମୋ କାର ଖରାପ ଥିବାରୁ ମୁଁ ଖଣ୍ଡିଏ ଟାକ୍ସିରେ ବସି ହସପିଟାଲ ଆସୁଥିଲି । କିଛିବାଟ ଆସିବା ପରେ ମୁଁ ଦେଖିଲି ଟାକ୍ସିବାଲା ମୋତେ ଗୋଟାଏ ଭୁଲ ବାଟରେ ନେଇ ଯାଉଛି । ମୁଁ ଏହାର ପ୍ରତିବାଦ କରିବା ମାତ୍ରକେ ସେ ମୋତେ ପିସ୍ତଲ ଦେଖାଇ କହିଲା ଚୁପ୍‌ଚାପ୍ ନ ବସିଲେ ଗୁଳି କରିଦେବ । ତା' କଥାରେ ଅବାଧ୍ୟ ହେବା ଅର୍ଥ ମୃତ୍ୟୁ ନିଶ୍ଚିତ । ଶେଷରେ ମୋତେ ସମୁଦ୍ର କୂଳକୁ ନିଆଗଲା ଓ ଗୋଟିଏ ଜାହାଜରେ ସେଇ ଦ୍ୱୀପକୁ ପଠାଗଲା । ଘାତକ କଲେ ମୃତ୍ୟୁ ସୁନିଶ୍ଚିତ ବୋଲି ବାରମ୍ବାର ଜଣାଇ ଦିଆଗଲା । ସେଇ ଦିନଠୁ ମୁଁ 'ଜଳ ରାକ୍ଷସ' ପାଖରେ ବନ୍ଦୀ । ତାର ଅତି ନିକଟ ସମ୍ପର୍କରେ ଆସି ସୁଦ୍ଧା ମୁଁ ତାକୁ

Digitized by srujanika@gmail.com

ଆଜି ସୁଦ୍ଧା ଦେଖିନାହିଁ । କିନ୍ତୁ ଏତିକି ଜାଣେ ଲୋକଟା ଗୋଟାଏ ବୈଜ୍ଞାନିକ ଓ ଖୁବ୍ ଶକ୍ତିମାନ । ମୋର ମନେହୁଏ ସେ ଆମକୁ କେବେ ବଞ୍ଚିବାକୁ ଦେବ ନାହିଁ । ତା' ହାତରୁ ରକ୍ଷା ପାଇବା ଅର୍ଥ ଯମ ମୁହଁରୁ ଫେରି ଆସିବା । ଏତିକି କହି ଡାକ୍ତର ଜର୍ଜ ନୀରବ ହେଲେ ।

ମି: ବର୍ମା ସବୁ ଶୁଣିସାରି ଏକ ଦୀର୍ଘଶ୍ୱାସ ପକାଇଲେ ।

ଠିକ୍ ଏହି ସମୟରେ ଗୋଟିଏ ଛୋଟ କଳା ମାଙ୍କଡ଼ ଝରକାର ରେଲିଂ ଧରି ଗୋଟିଏ କଡ଼କୁ ଆସି ବସିଲା । ଏହା ମି: ବର୍ମାଙ୍କ ଦୃଷ୍ଟି ଏଡ଼ାଇ ଯାଇପାରିଲା ନାହିଁ । ସେ ଖୁବ୍ ନିରୀକ୍ଷଣ କରି ଜାଣିପାରିଲେ ଯେ ତାହା ଗୋଟିଏ ରବର ତିଆରି ଖେଳନା । ଏହା ଝରକା ପାଖକୁ ଆସିଲା କେମିତି ? ନିଶ୍ଚୟ ଏହା ପଛରେ କିଛି ରହସ୍ୟ ରହିଛି ।

କାହାକୁ କିଛି ନକହି ମି: ବର୍ମା ଘରର ଆଲୁଅ ଲିଭାଇ ଦେଲେ । ଅନ୍ଧକାର ଭିତରେ ସେ ଖୁବ୍ ସାବଧାନତା ସହକାରେ ରେଲିଂବାଟେ ମାଙ୍କଡ଼ଟିକୁ ଭିତରକୁ ନେଇ ଆସିଲେ । ତା' ପେଟତଳେ ଥିବା ଗୋଟିଏ ସୁଇଚ୍‌କୁ ବନ୍ଦ କରିଦେଇ ଘରର ଲାଇଟ୍ ଜଳାଇ ଦେଲେ ।

ସମସ୍ତେ ମାଙ୍କଡ଼ଟିକୁ ଦେଖି ଚମକି ଉଠିଲେ । ମି: ବର୍ମା ମାଙ୍କଡ଼ଟିକୁ ଭଲ ଭାବରେ ପରୀକ୍ଷା କରି କହିଲେ— ଏ ଏକ ଯନ୍ତ୍ର ମର୍କଟ । ଏହାକୁ ଗୁପ୍ତଚର କାମରେ ଲଗା ଯାଇଛି । ଏହା ପେଟ ଭିତରେ କମ୍ପ୍ୟୁଟର ଯନ୍ତ୍ର ଖଞ୍ଜା ଯାଇଛି । ଏହାର ଆଖି ଦୁଇଟି ମଧ୍ୟରୁ ଗୋଟିଏ ହେଉଛି ଶକ୍ତିଶାଳୀ କ୍ୟାମେରା ଓ ଅନ୍ୟଟି ଟେଲିଭିଜନ କାମ କରେ । ପାଟିରେ ରହିଛି ଟେପ୍ ରେକର୍ଡର ଯନ୍ତ୍ର । ମୋର ମନେ ହେଉଛି ଜଳ ରାକ୍ଷସର କେହି ଗୁପ୍ତଚର ଆମର ସନ୍ଧାନ ପାଇ ପାରିଛି । ସେଥିପାଇଁ ଏହି ମର୍କଟକୁ ଆମର ଅନୁସନ୍ଧାନ କରିବାକୁ ଛାଡ଼ି ଦେଇଛି ।

ଇଞ୍ଜିନିୟର ହେନେରୀ ସାକ୍‌ଟନ କହିଲେ— ଏହି ଯନ୍ତ୍ର ମର୍କଟ ଦ୍ୱାରା ଜଳ ରାକ୍ଷସ ଦରିଆ ମଝିରେ ରହି ସବୁ ଜାଣିପାରୁଛି । ମାଙ୍କଡ଼ଟି ଯାହା ଦେଖେ ସଙ୍ଗେ ସଙ୍ଗେ ତାର ଫଟୋ ଉଠିଯାଏ ଏବଂ ତାହା ଟେଲିଭିଜନ ଯନ୍ତ୍ରରେ ରୂପାନ୍ତରିତ ହୋଇ ଜଳ ରାକ୍ଷସର ଗୁପ୍ତ କୋଠରୀରେ ଥିବା ଯନ୍ତ୍ରରେ ଦେଖାଯାଏ । କଥାବାର୍ତ୍ତା ସବୁ ରେକର୍ଡ ହୋଇଯାଇ ମଧ୍ୟ ତାକୁ ଶୁଣା ଯାଇଥାଏ ।

Digitized by srujanika@gmail.com

ଜନ୍ କହିଲେ, ଆମକୁ କହନ୍ତୁ ପ୍ରଥମେ କାହିଁକି ଲାଇଟ୍‌ଟି ଲିଭାଇ ଦେଲେ ଓ ପରେ ଜଳାଇଲେ ? ହେନେରୀ କହିଲେ, ଲାଇଟ୍‌ଟି ଲିଭିଗଲେ ଅନ୍ଧାର ଭିତରେ ମାଙ୍କଡ଼ ଆଖିରେ ଥିବା ସ୍ୱୟଂଚାଳିତ କ୍ୟାମେରାରେ ଫଟୋ ଉଠିପାରିବ ନାହିଁ ଏବଂ ଜଳ ରାକ୍ଷସ ଆମର କର୍ତ୍ତବ୍ୟ ବିଷୟରେ କିଛି ଜାଣିପାରିବ ନାହିଁ । ଯଦି ସେ ଜାଣିନଏ ତେବେ ସଙ୍ଗେ ସଙ୍ଗେ ନିର୍ଦ୍ଦେଶ ଦେଲେ ମାଙ୍କଡ଼ଟି ଏକା ଡ଼ିଆଁକେ ଡେଇଁ ଏଠୁ ଚାଲିଯିବ । କୌଣସି ଶକ୍ତି ତାକୁ ଅଟକାଇ ରଖି ପାରିବ ନାହିଁ । କିନ୍ତୁ ଏବେ ଆଉ ସେ ବିପଦ ନାହିଁ । ମାଙ୍କଡ଼ଟି ଏବେ ଆମର ଅଧୀନରେ । ଅନ୍ଧକାର ଭିତରେ ମି: ବର୍ମା ତାର ପେଟ ପାଖରେ ଥିବା ସୁଇଚ୍ ଚାରିଟି ବିଚ୍ଛିନ୍ନ କରି ଦେଇଛନ୍ତି ।

ମି: ବର୍ମା କହିଲେ— ଏବେ ରାତି ଖୁବ୍ ଅନେକ ହେଲଣି । ଆପଣମାନେ ବିଶ୍ରାମ ନିଅନ୍ତୁ । ଆଗାମୀ କାଲି ସକାଳେ ଗୋଟିଏ ମଟର ସାଇକେଲ ଭଡ଼ାକୁ ନେଇ ବିଜୟପୁର ଯିବାକୁ ହେବ । ସେଠାରେ ମୋର ଜଣେ ସହକର୍ମୀ ରହୁଛନ୍ତି । ବମ୍ବେଠାରୁ ତାହା ୨୦୦ କିଲୋମିଟର ଦୂରରେ ଅବସ୍ଥିତ । ତାଙ୍କୁ ମୋର ଚିଠି ଦେଖାଇଲେ ସେ ୩ଟି ପିସ୍ତଲ ଦବ । ଆତ୍ମରକ୍ଷା ପାଇଁ ଏଗୁଡ଼ିକ ଆମର ନିଶ୍ଚୟ ଆବଶ୍ୟକ ହେବ ।

କ୍ୟାପ୍‌ଟେନ୍ ଜନ୍ କହିଲେ ଏ ଦାୟିତ୍ୱଟା ମୋ ଉପରେ ଛାଡ଼ି ଦିଅନ୍ତୁ ।

(୪)

ପରଦିନ ସକାଳେ କ୍ୟାପ୍‌ଟେନ୍ ଜନ୍ ଭଡ଼ା ସୂତ୍ରରେ ମଟର ସାଇକେଲଟିଏ ଆଣି ବିଜୟପୁର ଅଭିମୁଖେ ଛୁଟି ଚାଲିଲେ ।

ଅର୍ଦ୍ଧେକ ପଥ ଅତିକ୍ରମ କରିବା ପରେ ସେ ଲକ୍ଷ୍ୟକଲେ ତାଙ୍କୁ କେହି ଜଣେ ଅନୁସରଣ କରୁଛି । ଅନୁସରଣକାରୀ ଗୋଟିଏ ମଟର ସାଇକେଲରେ ବସିଛି ଓ ମୁଣ୍ଡରେ ଫେଲ୍‌ଟ୍ କ୍ୟାପ୍‌ଟି ଟିକଏ ସାମନାକୁ ଝୁଙ୍କି ଆସିବା ଫଳରେ ମୁହଁଟି ପ୍ରାୟତଃ ଦିଶୁନାହିଁ । କ୍ୟାପ୍‌ଟେନ୍ ଏଥର ଦ୍ରୁତ ଗତିରେ ଗାଡ଼ି ଚଳାଇବାକୁ ଲାଗିଲେ । ଲୋକଟା ମଧ୍ୟ ସମାନ ଦୂରତ୍ୱ ରଖି ତାଙ୍କୁ ଅନୁସରଣ କରିବାକୁ ଲାଗିଲା ।

Digitized by srujanika@gmail.com

କ୍ୟାପ୍‌ଟେନ୍ ଜନ୍‌ଙ୍କ ଗଳାରେ ହଠାତ୍ ଗୋଟାଏ ଫାଶ ଆସି ପଡ଼ିଲା । ଜନ୍ ମଟର ସାଇକେଲ ଉପରୁ ତଳେ ପଡ଼ିଗଲେ । ସେ ଉଠି ଦେଖନ୍ତି ତ ଗୋଟାଏ ସରୁ ପ୍ଲାଷ୍ଟିକ ସୂତା ଛନ୍ଦ ହୋଇଯାଇଛି । ସେ ସେଇଟାକୁ ବାହାର କରି ଦେବାକୁ ଯାଇ ଦେଖିଲେ ତାହାର ଅନ୍ୟ ପାଖଟି ଦୂରକୁ ଲମ୍ବି ଯାଇଛି ଓ ପଛରେ ଆସୁଥିବା ଅନୁସରଣକାରୀ ବ୍ୟକ୍ତିଟି ତାହା ଧରିଛି । ଏଥର ଜନ୍ ଲୋକଟାର ଚକ୍ରାନ୍ତ ବୁଝି ପାରିଲେ । ଲୋକଟି ପାଖକୁ ଆସି ଜନ୍‌ଙ୍କୁ କହିଲା—

“ମିଷ୍ଟର ! ଜୀବନରେ ଲୋଭ ଅଛି ତ ଚୁପ୍‌ଚାପ୍ ପକେଟରୁ ଛୁରିଟି ବାହାରକରି ବଢ଼ାଇ ଦିଅ, ନଚେତ୍ ଏଇ କ୍ଷଣି ଗୁଳି ବକ୍ଷ ଭେଦ କରିବ ।” ଜନ୍ ପକେଟରୁ ଛୁରିଟି ବାହାର କରି ଲୋକଟି ଆଡ଼କୁ ବଢ଼ାଇ ଦେଲେ । ଲୋକଟା ଛୁରି ନେବାକୁ ହାତ ବଢ଼ାଇବା ମାତ୍ରକେ ଜନ୍ ଶକ୍ତକରି ବାମ ପାଦରେ ତା ଡାହାଣ ହାତକୁ ଆଘାତ କଲେ । ଛୁରୀଟା ଖଣ୍ଡେ ଦୂରକୁ ଛିଟିକି ପଡ଼ିଲା । ଲୋକଟା ଦୌଡ଼ିଗଲା ଛୁରୀ ପାଖକୁ । ଜନ୍ ତା’ ପୂର୍ବରୁ ପ୍ରସ୍ତୁତ ଥିଲେ ଓ ସଙ୍ଗେ ସଙ୍ଗେ ପଛ ପାଖରୁ ଧରିନେଲେ ଲୋକଟାକୁ । ବେକ ପଛ ପାଖରୁ ଶକ୍ତକରି ଗୋଟାଏ ମୁଷ୍ଟି ପ୍ରହାର କଲେ । ଲୋକଟା ଧୂର ଧୂର ତଳେ ପଡ଼ିଗଲା । ଛୁରୀଟାକୁ ଗୋଟାଇ ନେଇ କ୍ୟାପ୍‌ଟେନ୍ ଜନ୍ ତା ଆଡ଼କୁ ଆଗେଇ ଗଲେ ।

ଲୋକଟା ତଳୁ ଉଠିବାକୁ ଚେଷ୍ଟା କରୁଥାଏ । ଜନ୍ ତା ନାକ ଉପରକୁ ପୁଣି ଥରେ ମୁଷ୍ଟି ପ୍ରହାର କଲେ । ଲୋକଟାର ନାକ ଫାଟି ଝର ଝର ରକ୍ତ ଝରିପଡ଼ିଲା ଓ ଫେଲଟ୍ କ୍ୟାପ୍‌ଟା ତଳେ ଖସି ପଡ଼ିଲା । ତା ମୁହଁ ଦେଖି ଜନ୍ ହଠାତ୍ ଚମକି ପଡ଼ିଲେ । ଲୋକଟା ହେଉଛି ସେଇ ହୋଟେଲ ସି-ଭ୍ୟୁର ଦରୁଆନ ।

ଦରୁଆନ ଥରି ଥରି କହିଲା—“ମୋତେ ନମାର ବଞ୍ଚାଅ ଆଜ୍ଞା । ସବୁକଥା ମୁଁ ଖୋଲି କହୁଛି ।” ଜନ୍ ଅଳ୍ପହସି କହିଲେ ବେଶ୍ ସତକଥା କହ । ତୋତେ କିଏ, କାହିଁକି ମୋତେ ଅନୁସରଣ କରିବାକୁ ପଠାଇ ଥିଲା ?

ନାକରୁ ବୋହି ଆସୁଥିବା ରକ୍ତଧାରକୁ ପୋଛିନେଇ ଦରୱାନ୍ କହିବାକୁ ଆରମ୍ଭ କରିଛି, ହଠାତ୍ ସାଏଁ କରି ଗୋଟାଏ ଶବ୍ଦହେଲା । ପରମୁହୂର୍ତ୍ତରେ ଦରୱାନ୍‌ଟି ଆର୍ତ୍ତ ଚିତ୍କାର

Digitized by srujanika@gmail.com

କରିଉଠିଲା । ଜନ୍ ଦେଖିଲେ ଆକାଶରେ ଗୋଟାଏ ଈଗଲ୍ ପକ୍ଷୀ ଦୂରକୁ ଉଡ଼ି ଚାଲିଯାଉଛି । ବରଓ୍ୱାନ୍‌ର ଛାତିରେ ବିଦ୍ଧ ହୋଇଛି ଗୋଟାଏ ତୀକ୍ଷ୍ଣ ଶର । ସେ ତାର ଅତି ପାଖକୁ ଦଉଡ଼ି ଆସିଲେ ଓ ଶରଟିକୁ ହାତରେ ଟାଣି ବାହାର କରିଦେବାକୁ ଉଦ୍ୟମ କଲେ । ରକ୍ତରେ ସେ ସ୍ଥାନର ମାଟି ଲାଲ ରଙ୍ଗରେ ରଞ୍ଜିତ ହୋଇ ଯାଇଥିଲା ।

ବରଓ୍ୱାନ୍ ଅତି କଷ୍ଟରେ 'ଜଳ ରାକ୍ଷସ' ଉଚ୍ଚାରଣ କରି ଢଳିପଡ଼ିଲା । ଜନ୍ ଲୋକଟିର ଆଶ୍ଚର୍ଯ୍ୟଜନକ ମୃତ୍ୟୁରେ ଆହୁରି ବିସ୍ମିତ ହୋଇ ପଡ଼ିଥିଲେ । ବେଶୀ ବିସ୍ମିତ ହେଲେ 'ଜଳ ରାକ୍ଷସ'ର ନାଁ ଶୁଣି । ଜଳ ରାକ୍ଷସର ଅନୁଚର ଭାବରେ ତା ହେଲେ ସେ କାର୍ଯ୍ୟ କରୁଥିଲା । ଏଣିକି ବିପଦ ଅନିବାର୍ଯ୍ୟ । ଯଥାସମ୍ଭବ ତାଙ୍କୁ ସାବଧାନ ହୋଇ ଯାତ୍ରା କରିବାକୁ ପଡ଼ିବ ।

ବରଓ୍ୱାନ୍‌ର ମୃତ ଦେହକୁ ଛାଡ଼ି ଜନ୍ ମଟର ସାଇକେଲ୍‌ରେ ବସି ଆଗକୁ ଆଗେଇଲେ । ବିଚିତ୍ରପୁରରେ ପହଞ୍ଚିବା ବେଳକୁ ରାତି ହୋଇଯାଇ ଥିଲା । ରାତିଟି କୌଣସି ମତେ ଗୋଟିଏ ଧର୍ମଶାଳାରେ କଟାଇ ଦେଇ ପରଦିନ ମି: ସୁବ୍ରତଙ୍କୁ ସାକ୍ଷାତ କଲେ ଓ ମି: ବର୍ମା ଦେଇଥିବା ଚିଠିଟି ଦେଲେ । ସେ ଚିଠିଟି ପଢ଼ି ଖୁବ୍ ଖୁସିହେଲେ ଓ ଜନ୍‌ଙ୍କୁ ବହୁତ ଆଦର ଅଭ୍ୟର୍ଥନା କଲେ । ରିଭଲ୍‌ଭର ତିନୋଟି ଜନ୍‌ଙ୍କୁ ଦେଇ ସେ କହିଲେ, ସାର୍‌ଙ୍କୁ କହିବେ ତାଙ୍କର ଓ୍ୱାରଲେସ୍ ସମ୍ବାଦ ପାଇବା ମାତ୍ରେ ମୁଁ ପୋଲିସ୍ ଫୋର୍ସ ସହ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବି । ଜନ୍ ସେଠାରୁ ଅନେକ ଦୂର ଆଗେଇ ଆସିବା ପରେ ଲକ୍ଷ୍ୟକଲେ ଆକାଶରେ ଗୋଟାଏ ପ୍ରକାଣ୍ଡ ଈଗଲ ପକ୍ଷୀ । ପକ୍ଷୀଟା ଯେ ଜନ୍‌ଙ୍କୁ ଅନୁସରଣ କରୁଛି ଏକଥା ଜନ୍ ପରିଷ୍କାର ବୁଝି ପାରିଥିଲେ । ପକ୍ଷୀଟା କ୍ରମଶଃ ତଳକୁ ଖସୁଥିଲା । କ୍ରମେ ନିକଟବର୍ତ୍ତୀ ହେବାରୁ ଜନ୍ ଲକ୍ଷ୍ୟକଲେ ଈଗଲର ଥଣ୍ଟରେ ଠିକ୍ ଚୁମ୍ବକ ଭଳି ଗୋଟାଏ ତୀକ୍ଷ୍ଣ ଶର । ତାଙ୍କୁ ମାରିବା ପାଇଁ ଏହା ଯେ ପ୍ରେରିତ ହୋଇଛି ଏଥିରେ ସନ୍ଦେହ କରିବାର ନଥିଲା । ବରଓ୍ୱାନଟି କାଳେ ଗୁପ୍ତ ସମ୍ବାଦ ପ୍ରକାଶ କରିଦେବ ସେଥିପାଇଁ ନିଜର ବିଶ୍ୱସ୍ତ ଭୃତ୍ୟଙ୍କୁ ପୃଥିବୀରୁ ଚିରଦିନ ପାଇଁ ହଟାଇ ଦେବାକୁ ସେ କୁଣ୍ଠାବୋଧ କରି ନଥିଲା । ଜନ୍ ଏଣିକି ଦ୍ୱିଗୁଣିତ ଗତିରେ ଗାଡ଼ି ଚଳାଇବା ଆରମ୍ଭ କରିଦେଲେ ।

କି ଆଶ୍ଚର୍ଯ୍ୟର କଥା, ଈଗଲ ପକ୍ଷୀଟାର ଗତି ମଧ୍ୟ ଅନୁରୂପ ଭାବେ ବଢ଼ିଗଲା । ପକ୍ଷୀଟା କ୍ରମଶଃ ତାଙ୍କର ନିକଟବର୍ତ୍ତୀ ହୋଇ ଆସୁଥିଲା । ଜନ୍ ପକେଟରୁ ବାହାର କଲେ ଲେଡ଼େଡ଼

Digitized by srujanika@gmail.com

ଗଭଲଭର । ଲଗ୍ ଲଗ୍ ତିନି ରାଉଣ୍ଡ ଈଗଲ ପକ୍ଷୀକୁ ଲକ୍ଷ୍ୟକରି ଫାୟାର କଲେ । ଈଗଲ ପକ୍ଷୀଟା ହଠାତ୍ ଶୂନ୍ୟାକାଶରେ ଚକ୍ରାକାରରେ ଘୂରି ତଳେ ଖସି ପଡ଼ିଲା । ଜନ୍ ପାଖକୁ ଯାଇ ଦେଖିଲେ ତାହା ପ୍ରକୃତରେ ଏକ ପକ୍ଷୀ ନୁହେଁ । ପ୍ଲାଷ୍ଟିକ୍ ନିର୍ମିତ ଏକ ଯନ୍ତ୍ର ଈଗଲ ପକ୍ଷୀ । ଏଥିରେ ଶର ନିକ୍ଷେପକ ଯନ୍ତ୍ର ଖଞ୍ଜା ଯାଇଛି ।

ଜନ୍ ଏଣିକି ବିଜୟ ଗର୍ବରେ ଆଗକୁ ମଟର ସାଇକେଲ ଛୁଟାଇଲେ । ପଛରେ ପଡ଼ିରହିଲା ଯନ୍ତ୍ର ଈଗଲ ପକ୍ଷୀର ଧ୍ୱଂସାବଶେଷ ।

ହୋଟେଲ ସି-ବିର୍ ଠାରୁ ଗୋଟିଏ କିଲୋମିଟର ଦୂରରେ ସମୁଦ୍ର କୂଳରେ ହଠାତ୍ ଅଟକିଗଲେ ଜନ୍ । ସେ ଦେଖିଲେ ଗୋଟିଏ କଳା ରଙ୍ଗର ବିରାଟ ବାକ୍ସ । ସେହି ବାକ୍ସରେ ଗୋଟିଏ ଲୁହାର ତାଲା ଝୁଲୁଛି । ଜିନିଷଟା କଅଣ ଜାଣିବାପାଇଁ ତାଙ୍କର ଆଗ୍ରହର ସୀମା ରହିଲା ନାହିଁ । ସେ ଚାରି ଆଡ଼କୁ ଲକ୍ଷ୍ୟ କରି ଦେଖିଲେ କେହି କେଉଁଆଡ଼େ ନାହାଁନ୍ତି । ବାକ୍ସଟିର ଅତି ପାଖକୁ ଯାଇ ସେ ହାତମାରି ଦେଖିଲେ । ବାକ୍ସଟା ପୁରାପୁରି ଲୁହାରେ ତିଆରି ।

ଜନ୍ ବହୁ ଶ୍ରମ ସ୍ୱୀକାର କରି ବାକ୍ସର ତାଲାଟି ଖୋଲିବାକୁ ଚେଷ୍ଟାକରି ମଧ୍ୟ ସଫଳ ହେଲେ ନାହିଁ । ଠିକ୍ ଏହି ସମୟରେ ଗୋଟିଏ ବଜ୍ର ମୁଷ୍ଟି ତାଙ୍କର ମୁଣ୍ଡରେ ବାଜିଲା । ସେ ଘୂରି ଘୂରି ତଳେ ପଡ଼ିଗଲେ ଓ ଦେଖିଲେ ଗୋଟାଏ କଦାକାର ମନୁଷ୍ୟ ଠିଆହୋଇଛି । ଦେହସାରା ଲୋମ ସାଲୁବାଲୁ । ଠିକ୍ ବଣ ମଣିଷ ଭଳି । ସେ ବଣ ମଣିଷଟା ବିକଟ ହସ ହସି ଜନ୍‌ଙ୍କ ଆଡ଼କୁ ଆଗେଇ ଆସିଲା । ଜନ୍ ଚଟ୍‌କିନା ପକେଟ୍‌ରେ ହାତ ପୂରାଇ ପିସ୍ତଲଟି ବାହାର କରି ଫାୟାର କଲେ । ଗୁଡୁମ୍ ଗୁଡୁମ୍ ଆବାଜରେ ସେ ସ୍ଥାନଟି ଥରି ଉଠିଲା । ଜନ୍ ଦେଖିଲେ ବଣ ମଣିଷଟା ଚିତ୍କାର କରି ସେଇଠି ଲୋଟି ପଡ଼ିଲା । ତା'ପାଖକୁ ଯାଇ ଜନ୍ ନିରୀକ୍ଷଣ କରି ଜାଣିଲେ ଏହା ଆଫ୍ରିକାର ବଣ ମଣିଷ । ବୋଧହୁଏ ଜଳ ରାକ୍ଷସ ଏହି ବଣମଣିଷକୁ ପୋଷିଥିଲା ବାକ୍ସଟି ଜଗି ରହିବା ଏହାର କାମ ଥିଲା । ହଠାତ୍ ଜନ୍ ମୃତ ବଣମଣିଷ ହାତରେ ଗୋଟିଏ ଚାବିଥିବାର ଦେଖି ପାରିଲେ, ଚାବିଟା ହାତରୁ ଟାଣିଆଣି ସେ ବାକ୍ସର ଚାବି ଖୋଲିଦେଲେ । ବହୁ କଷ୍ଟରେ ପ୍ରାୟ ଅଧଘଣ୍ଟାଏ କାଳ ଅକ୍ଲାନ୍ତ ପରିଶ୍ରମ କରି ସେବାକ୍ସର ଢ଼ାଙ୍କୁଣୀ ଖୋଲିବାକୁ ସକ୍ଷମ ହେଲେ ।

Digitized by srujanika@gmail.com

ବାକ୍ସର ଢ଼ଙ୍କୁଣୀ ଖୋଲି ଚମକି ପଡ଼ିଲେ ଜନ୍-ସେ ନିଜ ଆଖିକୁ ମଧ୍ୟ ବିଶ୍ୱାସ କରି-ପାରିଲେ ନାହିଁ । ତା ଭିତରେ ହାତ, ପାଦ ବନ୍ଧା ହୋଇ ପଡ଼ିଛନ୍ତି ମି: ବର୍ମା, ହେନେରି ଓ ଜର୍ଜ । ବାକ୍ସ ଭିତରୁ ସମସ୍ତଙ୍କର ଅଚେତ ଶରୀର ଗୁଡ଼ିକ ବାହାରକୁ ବାହାର କରି ଆଣିଲେ ଜନ୍—

ଥଣ୍ଡା ପବନର ସ୍ପର୍ଶରେ ତିନିଜଣଙ୍କର ଚେତା ଫେରି ଆସିଲା । ଜନ୍ ଆନନ୍ଦରେ ଆତ୍ମହରା ହୋଇ ସମସ୍ତଙ୍କୁ ଆଲିଙ୍ଗନ କଲେ । ସେଠାରୁ ଖୁବ୍ ଶୀଘ୍ର ପଳାଇଯିବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଲେ । ଆତ୍ମ ରକ୍ଷାପାଇଁ ଆଣିଥିବା ରିଭଲଭର ଗୁଡ଼ିକ ସମସ୍ତଙ୍କୁ ଧରାଇ ଦେଲେ । କିପରି ଏ ବିପଦରେ ପଡ଼ିଲେ ପ୍ରଶ୍ନ କରିବାରୁ ମି: ବର୍ମା ଉତ୍ତର ଦେଲେ, ଯେ ସେଦିନ ସେମାନେ ହୋଟେଲରେ ଖାଇଁପିଇ ଶୋଇଛନ୍ତି । ହଠାତ୍ ଘରର କବାଟଟା ଖୋଲି ଗଲା । ଗୋଟିଏ କଳା ଲୋମଶ ଲୋକ ଘର ଭିତରକୁ ହଠାତ୍ ପଶି ଆସି ଛୁରୀ ଦେଖାଇଲା । ଭୟରେ ସେମାନେ ଚିତ୍କାର କରିପାରିଲେ ନାହିଁ । ସେ ପକେଟରୁ ଗୋଟିଏ ଗ୍ଲେଟ ଶିଶି ବାହାର କରି ତାର ଠିପି ଖୋଲି ଦେବା କ୍ଷଣି ଗୁଡ଼ାଏ ବାଷ୍ପ ଭସ୍ ଭସ୍ କରି ବାହାରି ଆସି ଘରସାରା ଭର୍ତ୍ତି ହୋଇଗଲା । ତା'ପରେ ସଙ୍ଗେ ସଙ୍ଗେ ସେମାନଙ୍କର ଚେତା ବୁଡ଼ିଗଲା । ତାପରେ କଅଣ ଘଟିଲା ଆଉ ସେମାନେ ଜାଣନ୍ତି ନାହିଁ ।

ଜନ୍ କହିଲେ ଚାଲ ବର୍ତ୍ତମାନ ଆମେ ଏଠୁ ପଳାଇଯିବା । ମୁଁ ସେହି କଳା ଲୋମଶ ବଣ ମଣିଷଟାକୁ ମାରିଦେଇଛି । ଏ ନିଶ୍ଚୟ ଜଳରାକ୍ଷସର ଗୋଟିଏ ଅନୁଚର । ଶୀଘ୍ର ଆମେ ଏ ସ୍ଥାନ ପରିତ୍ୟାଗ ନକଲେ ବିପଦ ଅନିବାର୍ଯ୍ୟ ।

ଜର୍ଜ କହିଲେ ଆମ୍ଭେମାନେ ବମ୍ବେର ଶେଷ ଭାଗରେ ଥିବା ହୋଟେଲ ବ୍ଲାକ୍ ନାଇଟ୍‌କୁ ଭବିଷ୍ୟତ କର୍ମପନ୍ଥା ସ୍ଥିର କରିବା । ମି: ବର୍ମା, ହେନେରି, ଜନ୍ ଓ ଜର୍ଜ ସେଇ ଆଡ଼କୁ ଚାଲିଲେ ।

ସହର ଉପକଣ୍ଠରେ ପହଞ୍ଚି ଦେଖିଲେ ଗୋଟାଏ ଦାଢ଼ୀବାଲା ଲୋକ ସେମାନଙ୍କ ଆଡ଼କୁ ଚାହିଁ ଠିଆ ହୋଇଛି । ନିକଟବର୍ତ୍ତୀ ହେବାରୁ ଲୋକଟି ହିନ୍ଦୀରେ କହିଲା, "ଆପଣମାନେ ରହିବା ପାଇଁ ଘର ଖୋଜୁଛନ୍ତି କି ? ଯଦି କିଛି ଆପତ୍ତି ନଥାଏ ତେବେ ମୋର ଏଇପାଖରେ ଥିବା ଦୋ ମହଲା କୋଠାରେ ରହି ପାରିବେ ।" ବର୍ମା, ହେନେରି ଜନ୍ ଓ ଜର୍ଜ ସମସ୍ତେ

Digitized by srujanika@gmail.com

ଖୁବ୍ କ୍ଳାନ୍ତ ହୋଇପଡ଼ିଥିଲେ । ତେଣୁ ଆଉ ଅଧିକ ଦୂର ଯିବାକୁ କେହି ଇଚ୍ଛା କରୁନଥିଲେ । ଅଗତ୍ୟା ସେମାନଙ୍କୁ ସେଇ ଦାଢ଼ୀବାଲାର କଥାରେ ସମ୍ମତ ହେବାକୁ ପଡ଼ିଲା ।

ଦାଢ଼ୀବାଲା ସମସ୍ତଙ୍କୁ ଉପର ମହଲାକୁ ନେଇଗଲା । ଗୋଟିଏ ଧରଣର ଘର ସେମାନଙ୍କୁ ଦେଖାଇ ଦେଇ ତଳକୁ ଓହ୍ଲାଇ ଆସିଲା । ଘରଟି ଖୁବ୍ ପରିଷ୍କାର ପରିଚ୍ଛନ୍ନ ଓ ଚାରି କାନ୍ଥ ଗୁଡ଼ିକ କିପରି ଅଦ୍ଭୁତ ପ୍ରକାର ମନେ ହେଲା । ଚାରିଜଣଯାକ ଚାରୋଟି ଆରାମ ଚୌକିରେ ବସି ପଡ଼ିଲେ ।

କିଛି ସମୟ ପରେ ଗୋଟିଏ ସୁନ୍ଦରଟୋକିଅ ସେଠି ବଖରାକୁ ଆସିଲା । କହିଲା, ଆପଣମାନେ ଖୁବ୍ କ୍ଷୁଧାର୍ତ୍ତ । ତେଣୁ ଖାଇ ନିଅନ୍ତୁ । ଏହା କହି ସେ କାନ୍ଥର ଗୋଟିଏ ସୁଇଚ୍ ଟିପିଦେଲା । ସଙ୍ଗେ ସଙ୍ଗେ ଚାରିଜଣଙ୍କ ପାଇଁ ଚାରୋଟି ପ୍ଲେଟରେ ସୁସ୍ୱାଦୁ ଖାଦ୍ୟ ଟେବୁଲ ଉପରେ ଥୁଆ ହୋଇଗଲା । ଏହା ଦେଖି ସମସ୍ତେ ଅବାକ୍ । ଝିଅଟି ଅନ୍ୟ ଏକ ସୁଇଚ୍ ଟିପିବା ମାତ୍ରକେ ଚାରୋଟି ଗ୍ଲାସରେ ସରବତ ଆସି ଥୁଆ ହୋଇଗଲା । ଏମାନଙ୍କୁ ଏସବୁ ବଡ଼ଅଦ୍ଭୁତ ଲାଗୁଥାଏ ।

ମନକଥା ମନରେ ରଖି ସମସ୍ତେ ଖାଇ ସାରିଲେ । ହଠାତ୍ ଝିଅଟି ଘରର ବାରଣ୍ଡାକୁ ଯାଇ ସେଇ ଘରେ ଚାବି ପକାଇ ଦେଲା । ଚାରିଜଣଯାକ ବିସ୍ମିତ ହୋଇ କବାଟ ପାଖକୁ ଛୁଟି ଆସିଲେ । ମାତ୍ର ଝରକା ବାଟେ ଦେଖାଗଲା ଝିଅଟି ତଳକୁ ଓହ୍ଲାଇ ଯାଉଛି । ସେମାନଙ୍କୁ ଯେ ଏଠି ଏକ ପ୍ରକାର ବନ୍ଦୀ କରାଯାଇଛି ଏବେ ବୁଝିପାରିଲେ । ସମସ୍ତେ ନିଜ ନିଜର ପକେଟ ଅଣ୍ଡାଳି ଦେଖନ୍ତି ତ ରିଭଲଭର ଚାରୋଟି ମଧ୍ୟ କେତେବେଳେ ସେମାନଙ୍କ ଠାରୁ ହରଣଚାଳ କରି ନିଆଯାଇଛି ।

ମି: ବର୍ମା କହିଲେ, "ବନ୍ଧୁଗଣ, ଏବେ ଆମେ "ଜଳରାକ୍ଷସର"ର ଅନୁଚର ହାତରେ ବନ୍ଦୀ । ବର୍ତ୍ତମାନ ଉପାୟ ?? "—ଉପାୟ ନାହିଁ ମି: ବର୍ମା । ତୁମେମାନେ ସମସ୍ତେ ମୋ ହାତରେ ବନ୍ଦୀ । ଏହି ଘରଟି ସହ ବର୍ତ୍ତମାନ ମୁଁ ତୁମମାନଙ୍କୁ ମୋର ସେଇ ସମୁଦ୍ର ମଝିରେ ଥିବା ଅଜଣା ଘାଟକୁ ନେଇ ଯାଉଛି ।"

ସ୍ୱରଟା କାନ୍ଥ ଭିତରୁ ଶୁଣାଯାଉଥିଲା । ଚାରିଜଣଯାକ ନିରୁପାୟ ହୋଇ ଚୁପ୍ ଚାପ୍ ଠିଆ ହୋଇ ରହିଲେ । ପର ମୁହୂର୍ତ୍ତରେ ଘରଟି ସାମାନ୍ୟ ଦୋହଲିବାକୁ ଲାଗିଲା । ଜହ୍ନ ଘରର ଝରକାଟି ଖୋଲି ଦେଖନ୍ତି ତ ଝରକା ବାହାରେ କାଚ ରହିଛି । ସେଇ କାଚ ଦେଇ

Digitized by srujanika@gmail.com

ଦେଖାଯାଉଛି ଆକାଶର ଚନ୍ଦ୍ର ଓ ତାରା । ଏତେବେଳକେ ସେମାନେ ବୁଝି ପାରିଲେ ଘରଟି ବର୍ତ୍ତମାନ ଉଡ଼ାଜାହାଜ ଭଳି ଆକାଶର ଅନ୍ଧକାର ଗର୍ଭରେ ଉଡ଼ିଉଡ଼ି ଚାଲିଛି । ଜଳରାକ୍ଷସର ବୈଜ୍ଞାନିକ ବୁଦ୍ଧି ଓ କୌଶଳକୁ ସମସ୍ତେ ତାରିଫ ନ କରି ରହିପାରିଲେ ନାହିଁ । କିଏ ଜାଣେ ସେମାନେ ଆଉ ଜନ୍ମଭୂମିକୁ ଫେରିବେ କି ନା !!

(୭)

ପ୍ରାୟ ଦୁଇଦିନ ପରେ ସେହି ଘର ସଦୃଶ୍ୟ ଅଦ୍ଭୁତ ଯାନଟି ଗୋଟିଏ ଅଜଣା ଦ୍ୱୀପରେ ଓହ୍ଲାଇଲା । ଯାନଟି ଓହ୍ଲାଇବା କ୍ଷଣି ଘରର କବାଟ ଧଡ଼୍‌କରି ଖୋଲିଗଲା ଓ ଚାରିଜଣଯାକ ବାହାରି ଆସିଲେ । ଯାନଟି ପୁଣିଆକାଶକୁ ଉଠି କେଉଁଆଡ଼େ ଅଦୃଶ୍ୟ ହୋଇଗଲା ।

ଅଳ୍ପ ଦୂରରେ ସମୁଦ୍ରର ଗର୍ଜ୍ଜନ ଶୁଣାଯାଉଥାଏ । ବଡ଼ବଡ଼ ଲହରି ସବୁ କୂଳରେ ଥିବା ପଥର ଖଣ୍ଡରେ ମଥା ପିଟୁଥାଏ । ଚାରିଜଣ ଯାକ ସେଇ ସମୁଦ୍ର କୂଳ ପଥର ଉପରେ ବସି ଚିନ୍ତା କରିବାକୁ ଲାଗିଲେ । କାହାରି ମୁହଁରେ ଭାଷାନାହିଁ । ମୃତ୍ୟୁର କରାଳ ଛବି ସେମାନେ ସ୍ପଷ୍ଟ ଦେଖି ପାରୁଥିଲେ । ଏ ନିର୍ଜନ ଦ୍ୱୀପକୁ ଜଳରାକ୍ଷସ ସେମାନଙ୍କୁ ନେଇ ଆସିବା ପଛରେ କି ଉଦ୍ଦେଶ୍ୟ ନିହିତ ଥାଇପାରେ ଏହାହିଁ ଥିଲା ଚିନ୍ତାର ବିଷୟ ବସ୍ତୁ ।

ହଠାତ୍ ଗୋଟିଏ ପ୍ରକାଣ୍ଡ ଧଳା ହଂସ କେଉଁଠୁ ଉଡ଼ିଆସି ସେମାନଙ୍କ ପାଖରେ ଠିଆ-ହେଲା ଓ କହିଲା, " ମୋତେ ଆଦେଶ ହୋଇଛି ଆପଣମାନଙ୍କୁ ନେଇଯିବା ପାଇଁ । ମୋ ପିଠିରେ ବସ, ମୁଁ ନେଇଯିବି । ଚାରିଜଣଯାକ ମନ୍ତ୍ର ଚାଳିତ ଭାବରେ ହଂସ ଉପରେ ଯାଇ ବସିଲେ ଓ ହଂସଟି ଉଡ଼ି ଉଡ଼ି ଚାଲିଲା । ଏତେବେଳକେ ସେମାନେ ଜାଣିଲେ ଏଥିରେ କମ୍ପ୍ୟୁଟର ଯନ୍ତ୍ର ଖଞ୍ଜା ଯାଇଛି ଓ ଏହା ଏକ ସ୍ୱୟଂ ଚାଳିତ ଅଦ୍ଭୁତ ହେଲିକପଟର । ହଂସଟି ସେହି ଦ୍ୱୀପର ଶେଷ ଭାଗରେ ଏକ ଅଟ୍ଟୁଚ୍ଚ ଅଟ୍ଟାଳିକା ପାଖରେ ନେଇ ସମସ୍ତଙ୍କୁ ଛାଡ଼ିଦେଲା । ସମସ୍ତେ ଅଟ୍ଟାଳିକା ଆଡ଼କୁ ଚାଲିଲେ । ଆଶ୍ଚର୍ଯ୍ୟର କଥା କେହି କେଉଁଆଡ଼େ ଦିଶୁ ନାହାନ୍ତି । ସାରା ଦ୍ୱୀପଟା ନିର୍ଜନ । ଏହି ସମୟରେ ସେମାନେ ଦେଖିଲେ ଶୁଆଟିଏ କହୁଛି "ଆସ, ମୋ ସାଥିରେ ଆସ" । ସେମାନେ ଆଶ୍ଚର୍ଯ୍ୟରେ ତାକୁ ଅନୁସରଣ କଲେ । ଘରର ପାହାଚ ଉପରେ ଠିଆହେବା ପାଇଁ ଶୁଆ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇ କାନ୍ଥରେ ଥିବା ଗୋଟିଏ ଧଳା

Digitized by srujanika@gmail.com

ବୋତାମକୁ ଅଙ୍ଗୁଠିରେ ଦବାଇ ଦେଲା । ସଙ୍ଗେ ସଙ୍ଗେ ସେହି ପାହାଚଟି ଘୂରି ଘୂରି ଚାଲିବାକୁ ଆରମ୍ଭ କଲା ଓ ଶେଷରେ ମାଟିତଳେ ଗୋଟିଏ ସୁଦୃଶ୍ୟ ଘର ପାଖରେ ସ୍ଥିର ହୋଇଗଲା ।

ସମସ୍ତେ ଘର ଭିତରକୁ ଗଲେ । ଏତେବଡ଼ ଘରଟା ନିର୍ଜନ । ମାତ୍ର ଚାରିଗୋଟି ଚେୟାର ସେମାନଙ୍କ ପାଇଁ ପଡ଼ିଥିଲା । କାନ୍ଥରେ ଟଙ୍ଗା ହୋଇଥିବା ଗୋଟିଏ କୋଇଲିର ମୂର୍ତ୍ତି ହଠାତ୍ ମଧୁର ସ୍ୱରରେ ଅତି ନମ୍ର କଣ୍ଠରେ ଗୀତ ଗାଇବାକୁ ଆରମ୍ଭ କଲା ।

ଶୁଆଟି ପୁଣି କେଉଁଠୁ ଉଡ଼ିଆସି କହିଲା, "ଆରେ ଆପଣମାନେ ଏ ଯାଏ ବସି ନାହାଁନ୍ତି କାହିଁକି ? ବସନ୍ତୁ । ଆଉ ଅଳ୍ପ ସମୟ ପରେ ଆପଣମାନେ ଏଠାକୁ କାହିଁକି ଆସିଛନ୍ତି ଜାଣି ପାରିବେ ।" ଏତିକି କହି ସେ ବାହାରକୁ ଉଡ଼ି ଚାଲିଗଲା ।

କିଛି ସମୟ ସେମାନେ ବସିରହିବା ପରେ ମିଃ ବର୍ମା କଅଣ କହିବାକୁ ଯାଉଥିଲେ ମାତ୍ର ଜନ୍ ତାଙ୍କୁ ଆଖିର ଇସାରାରେ ଚୁପ୍ ରହିବାକୁ ନିର୍ଦ୍ଦେଶ ଦେଲେ । ଠିକ୍ ଏହି ସମୟରେ ଦେଖାଗଲା ଘରର ଚଟାଣରୁ ଗୋଟିଏ ଅଂଶ ଡାହାଣ ପାଟକୁ ଘୁଞ୍ଚିଗଲା । ସେହି ଖାଲି ଅଂଶର ତଳୁ ଗୋଟିଏ ଅଦ୍ଭୁତ ଚୌକିରେ ବସି ଏକ ବିରାଟ ରାକ୍ଷସ ଆକୃତିର ଜୀବ ଉଠି ଆସିଲା । ତାର ଅଦ୍ଭୁତ ରୂପ ଦେଖି ହରିଜଣଙ୍କ ଭୟ ଓ ବିସ୍ମୟରେ ହତବାକ୍ ହୋଇଗଲେ ।

ସେହି ଅଦ୍ଭୁତ ରାକ୍ଷସାକୃତି ଜୀବଟି ପ୍ରଥମେ ହସି ଉଠିଲା । ତାର ହସରେ ମନେହେଲା ସେ ଘରଟି ଭାଙ୍ଗି ଚୂରମାର୍ ହୋଇଯିବ । ହସ ବନ୍ଦ ହେବା ପରେ ସେ ମନୁଷ୍ୟ ପରି କହିବା ଆରମ୍ଭ କଲା ।

—ବହୁଦିନ ପରେ ତମେମାନେ ଆଜି ଜଳରାକ୍ଷସକୁ ଦେଖୁଛ । ତା ସହିତ ଶତ୍ରୁତା କରି ତୁମେମାନେ ମୂର୍ଖତାର ପରିଚୟ ଦେଇଛ । ଆଉ ହେନେରୀ ଜନ୍ ଓ ଜର୍ଜ ଏମାନେ ମୋ ପାଖରେ ବିଶ୍ୱାସଘାତକତା କରିଛନ୍ତି । ମୋ ପାଖରୁ କୌଶଳରେ ଖସିଯାଇ ପୁଣି ମୋର ବିରୁଦ୍ଧରେ ଷଡ଼ଯନ୍ତ୍ର ଆରମ୍ଭ କରି ଦେଇଥିଲେ । ଏବେ ମୁଁ ତୁମ ଚାରିଜଣଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରୁଛି । କିନ୍ତୁ ସେ ମୃତ୍ୟୁ ସାଧାରଣ ମୃତ୍ୟୁ ନୁହେଁ । ତେବେ ମୃତ୍ୟୁର ବିଷୟ ବିଷୟ ପୂର୍ବରୁ ଜାଣିରଖ । ତୁମମାନଙ୍କୁ ଗୋଟିଏ ବିରାଟ ଜଳକୁଣ୍ଡ ମଧ୍ୟରେ ଛାଡ଼ି ଦିଆଯିବ । ସେହି କୁଣ୍ଡରେ ବିଷାକ୍ତ କଙ୍କଡ଼ା ବିଚ୍ଛାସବୁ ଭାସି ବୁଲୁଛନ୍ତି । କୁଣ୍ଡ ଚାରିପାଖରେ ପ୍ରହରୀ ରୂପେ ଦଶଟି ବିଷଧର ସାପ ଖେଳୁଛନ୍ତି । କୁଣ୍ଡଟି ବହୁତ ଗଭୀର ହୋଇଥିବାରୁ ତୁମମାନଙ୍କୁ

Digitized by srujanika@gmail.com

ସବୁବେଳେ ଫେରିବାକୁ ହିଁ ପଡ଼ିବ । ଏହିପରି ଭାବରେ ତୁମକୁ ଶୋଚନୀୟ ମୃତ୍ୟୁଦଣ୍ଡ ଦିଆଗଲା । ହାଃ ହାଃ ହାଃ । "ହସ ସହିତ ସେହି ଅଦ୍ଭୁତ ଜଳରାକ୍ଷସ ଚଟାଣର ଗୁପ୍ତ କୋଠରୀକୁ ଚାଲିଗଲା ଓ ପୂର୍ବପରି ଡାହାଣ ପଟକୁ ଘୁଞ୍ଚିଯାଇଥିବା ଚଟାଣର କ୍ଷୁଦ୍ର ଅଂଶଟି ଫେରିଆସି ପୂର୍ବଭଳି ସମାନ ହୋଇଗଲା ।

ପର ମୁହୂର୍ତ୍ତରେ ଚାରିଜଣଯାକ ବସିଥିବା ଚେୟାର ଗୁଡ଼ିକ ଦୋହଲିବାକୁ ଲାଗିଲା ଓ ତାହା ଘୂରି ଘୂରି ଅନ୍ୟ ଗୋଟିଏ ସ୍ଥାନକୁ ଚାଲି ଆସିଲା । ସେମାନେ ଦେଖିଲେ ଆଗରେ ଗୋଟିଏ ବିରାଟ ଜଳକୁଣ୍ଡ । ପାଣି ଗୁଡ଼ାକ ନୀଳ ଦିଶୁଛି । ଚାରିପାଖରେ ଦଶଟି ବିଷଧର ସର୍ପ ଖେଳୁଛନ୍ତି । ପାଣିରେ କଳା କଳା କଙ୍କଡ଼ା ବିଛା ଗୁଡ଼ାଏ ଚାଲ୍‌ବାଲ୍ ହେଉଛନ୍ତି । ସମସ୍ତଙ୍କ ଦେହ ଶୀତେଇ ଉଠିଲା । ଭୟରେ ସମସ୍ତେ ଆର୍ତ୍ତନାଦ କରିଦେବା ସମୟରେ ସମସ୍ତେ ଅନୁଭବ କଲେ କେହି ଯେପରି ସେମାନଙ୍କୁ ପଛପାଖରୁ କୁଣ୍ଡ ଭିତରକୁ ଠେଲିଦେଲା ।

(୭)

ଚାରି ବନ୍ଧୁଙ୍କର ଚେତା ଫେରିବା ବେଳକୁ ଦେଖିଲେ ସେମାନେ ଗୋଟିଏ ସୁ-ସଜ୍ଜିତ ଘରେ ପଲଙ୍କ ଉପରେ ଶୋଇଛନ୍ତି । ଅଳ୍ପ ଦୂରରେ ଗୋଟିଏ ସୁନ୍ଦରୀ ଝିଅ ଚଉକିରେ ବସିସେମାନଙ୍କ ଆଡ଼କୁ ଏକ ଲୟରେ ଚାହିଁରହିଛି ।

ଚାରି ବନ୍ଧୁଙ୍କର ଚେତା ଫେରି ଆସିବା ଦେଖି ଝିଅଟି ସେମାନଙ୍କୁ ଚାରି କପ ଗରମ କଫି ଖାଇବାକୁ ଦେଲା ଓ ସେମାନଙ୍କ ପରିଚୟ ପଚାରିଲା । ମିଃ ବର୍ମା ଝିଅଟିକୁ କହିଲେ, "ଆଗେ କୁହନ୍ତୁ ଆମେ କିପରି ସେହି ଭୟଙ୍କର କୁଣ୍ଡ ପାଖରୁ ଏଠିକି ଆସିଲୁ ?" ଝିଅଟି ସାମାନ୍ୟ ହସି ଉତ୍ତର ଦେଲା ସେଇଟା ଆପଣମାନଙ୍କ ଭାଗ୍ୟ । ଜଳରାକ୍ଷସ ଆପଣମାନଙ୍କୁ ମୃତ୍ୟୁ ଦଣ୍ଡ ଦେବା ଦାୟିତ୍ୱ ମୋ ହାତରେ ଦେଇ ଗୋଟାଏ ଜରୁରୀ କାମରେ ଦ୍ୱୀପ ବାହାରକୁ ଯାଇଛି । କୌଶଳ କ୍ରମେ ମୁଁ ଆପଣମାନଙ୍କୁ ବଞ୍ଚେଇ ଏଠିକୁ ନେଇ ଆସିଛି । ଆଜି ମାତ୍ର ତିନି ଘଣ୍ଟା ପରେ ସେ ଫେରି ଆସିବ ଓ ଅବସ୍ଥା ଯେ କ'ଣ ହେବ ତାହା କହି ହେଉନି । ମୋର ଅନୁରୋଧ ଆପଣମାନେ ଶୀଘ୍ର ନିଜ ଜୀବନ ନେଇ ଏଠୁ ଚାଲି ଯାଆନ୍ତୁ ।

ମିଃ ବର୍ମା କହିଲେ ଆମେ ଯେତେବେଳେ ମୃତ୍ୟୁର ଗହ୍ୱର ମଧ୍ୟକୁ ଆସିଛୁ ସେତେବେଳେ ମୃତ୍ୟୁ ସହିତ ସଂଗ୍ରାମ କରିବୁ । ଜଳ ରାକ୍ଷସର ମୃତ୍ୟୁ ଆମର ଲକ୍ଷ ।" ଝିଅଟି

Digitized by srujanika@gmail.com

ପଚ୍ଛରିଲ ଆପଣଙ୍କ ପରିଚୟ ? ମିଃ ବର୍ମା କହିଲେ-ମୁଁ ହେଉଛି ଡଃ ଆଶୁତୋଷ ବର୍ମା ।

ଝିଅଟି ଚମକି ପଡ଼ି କହିଲା—ମୁଁ ହେଉଛି ହତଭାଗିନୀ ମଣିମାଳା ଯାର ପିଏ ଆପଣଙ୍କୁ ଶଠିଦେଇ ଜଳରାକ୍ଷସର ସନ୍ଧାନ ଦେଇଥିଲା । ମୁଁ ଗୃହେ ମୁକ୍ତ । ଆପଣ ମୋତେ ଏଠାରୁ ଉଦ୍ଧାର କରନ୍ତୁ । ମିଃ ବର୍ମା କହିଲେ—ମୁଁ ନିଶ୍ଚୟ ଚେଷ୍ଟା କରିବି ମିସ୍ ମଣିମାଳା ।

ଜନ୍ କହିଲେ—ଆମହାତରେ ଆଉ ମାତ୍ର ତିନିଘଣ୍ଟା ସମୟ ଅଛି । ଏହି ସମୟ ମଧ୍ୟରେ ଯାହାକିଛି କରିବାକୁ ହେବ । ହେନେରୀ କହିଲେ—ମିସ୍ ମଣିମାଳା, ଏ ଦ୍ୱୀପରେ କଣ୍ଟ୍ରୋଲ ରୁମ୍ କେଉଁଠି ଦେଖିଛ ? ମଣିମାଳା ଟିକିଏ ଚିନ୍ତାକରି କହିଲା—ସେ ମ୍ୟାପ୍‌ଟି ମିଃ ବର୍ମାଙ୍କ ପାଖରେ ଅଛି । ମିଃ ବର୍ମା ମ୍ୟାପ୍‌ଟି ଇଞ୍ଜିନିୟର ହେନେରୀଙ୍କୁ ବଢ଼ାଇଦେଲେ ।

ହେନେରୀ ମ୍ୟାପଟି ଦେଖି ସେମାନଙ୍କୁ ନେଇ ମାଟି ତଳ କୋଠରୀକୁ ଗଲେ । ଇଞ୍ଜିନିୟର ହେନେରୀଙ୍କୁ ଏଥିପାଇଁ ବେଶୀ କଷ୍ଟ କରିବାକୁ ପଡ଼ିଲାନାହିଁ ।

କଣ୍ଟ୍ରୋଲ ରୁମ୍ କାଚରେ ତିଆରି ହୋଇଥିଲା । ବାହାରେ ଥାଇ ଭିତରର ପ୍ରତ୍ୟେକଟି ଜିନିଷ ଦେଖି ହେଉଥିଲା । କାଚ ଘର ଭିତରେ ଗୋଟିଏ ନାଲି ଆଲୁଅ ଦପ୍ ଦପ୍ ହୋଇ ଜଳୁଥିଲା । ମଣିମାଳା କହିଲେ—ଏ ହେଉଛି କଣ୍ଟ୍ରୋଲ ରୁମ୍ । ଏହାର କାଚଗୁଡ଼ିକ ବୁଲେଟ ପ୍ରୁଫ୍ । ଏହାକୁ ଲୁହାର ହାତୁଡ଼ିରେ ପିଟିଲେ ମଧ୍ୟ ଭାଙ୍ଗିବ ନାହିଁ । ଏ ଘର ମଧ୍ୟକୁ ପ୍ରବେଶ ପଥ କେବଳ ଜଳରାକ୍ଷସ ଛଡ଼ା ଆଉ କାହାକୁ ଜଣାନାହିଁ । ଏହି ଘରେ ବସିଥିଲେ ଜଳ ରାକ୍ଷସ ପୃଥିବୀର ସମସ୍ତ ଖବର ଜାଣିପାରେ ଓ ସମସ୍ତ ଦୃଶ୍ୟ ଦେଖିପାରେ । ବିଜ୍ଞାନ ବଳରେ ସେ ଅସାଧ୍ୟ ସାଧନା କରିପାରିଛି ।

ମିଃ ବର୍ମା ଘରଟିର ଚାରି ପାଖରେ ବୁଲି କିଛି ସୂତ୍ର ଖୋଜୁଥିଲେ । ଏହି କଣ୍ଟ୍ରୋଲ ରୁମ୍‌କୁ କୌଣସି ମତେ ଅକ୍ତିଆର କରି ପାରିଲେ ସେ ଜଳ ରାକ୍ଷସକୁ କାବୁ କରି ଦେବେ ବୋଲି ଭାବୁଥିଲେ । ହଠାତ୍ ଏହି ସମୟରେ ମଣିମାଳା ଫିସ୍ ଫିସ୍ କଣ୍ଠରେ କହି ଉଠିଲା, ଆପଣମାନେ ପ୍ରସ୍ତୁତ ହୋଇ ରହନ୍ତୁ କଣ୍ଟ୍ରୋଲ ରୁମ୍‌ର ପରିଚାଳକ ଆସୁଛନ୍ତି । ଚାରି ବନ୍ଧୁ ଗୋଟିଏ ଖମ୍ବ ପଛ ପାଖରେ ଲୁଚିଗଲେ ।

ମଣିମାଳା ତାଙ୍କୁ ପରିଚାଳକ ଆସି ବଜ୍ର ଗମ୍ଭୀର କଣ୍ଠସ୍ୱରରେ କହିଲେ—କାହିଁକି ଏଠାକୁ ଆସିଛ ଆଉ କିଏ ସବୁ ତୁମ ସହିତ ଏଠାକୁ ଆସିଛନ୍ତି ଶୀଘ୍ର କୁହ ନଚେତ୍ ଗୁଳି କରିଦେବି ।

Digitized by srujanika@gmail.com

ମି: ବର୍ମା ଝମ୍ପର ଡାହାଣ ପାଖରୁ ବୁଝିଯାଇ ତାଙ୍କର ସାଇଲେନ୍ସାରଫିଟ୍ ଶକ୍ତିଶାଳୀ କ୍ଷୁଦ୍ରାକାର ରିଭଲ୍‌ଭରଟିକୁ ବାଗେଇ ଧରିଲେ । ଏଇଟିକୁ ସେ ମଣିମାଳାର ରୁମ୍‌ରୁ ଲୁଚେଇ ନେଇ ଆସିଥିଲେ ତାର ଅଜଣାରେ । ପରିଚ୍ଛଳକ ମଣିମାଳା ଆଡ଼କୁ ଆଗେଇ ଆସୁଥିବା ସମୟରେ ମି: ବର୍ମା ଠିକ୍ ତାର ହୃଦୟକୁ ଲକ୍ଷ୍ୟ କରି ଫାୟାରିଂ କଲେ । ପରିଚ୍ଛଳକ ଗୋଟାଏ ବିକଟ ଶବ୍ଦକରି ପଡ଼ିଗଲେ ଓ ଦେଖାଗଲା କେତେଗୁଡ଼ାଏ ଇଲେକ୍‌ଟ୍ରିକ୍ ତାର ଓ ଯନ୍ତ୍ରପାତି ଜଳି ଯାଉଛି । ବର୍ମା, ହେନେରୀ, ଜନ୍ ଓ ଜର୍ଜ ବିସ୍ମିତ ହୋଇଗଲେ । ପରିଚ୍ଛଳକ ଜଣକ ଯେ ଗୋଟିଏ ଯନ୍ତ୍ରମାନବ ଏହା ଏତେ ବେଳକେ ଜଣା ପଡ଼ିଲା ।

ମଣିମାଳା ସେମାନଙ୍କ ପାଖକୁ ଆଗେଇ ଆସି କହିଲା, ଦେଖନ୍ତୁ ସେଇ କାଚ ଘର ଭିତରେ କେମିତି ଗୋଟିଏ ନାଲ ଲାଇଟ୍ ଦପ୍ ଦପ୍ ହେବାକୁ ଆରମ୍ଭ କଲାଣି । ବୋଧହୁଏ ବିପଦ ପଡ଼ିପାରେ । ଶୀଘ୍ର ଚାଲି ଆସ ।

ମଣିମାଳା ପାଟିରୁ କଥା ସରିନାହିଁ ହଠାତ୍ କାଚ ଘରଟା ଓ ଆଖପାଖ ଯାଗା ଖୁବ୍ ଜୋରରେ ଫାଟିବାକୁ ଆରମ୍ଭ କଲା । ଚାରିବନ୍ଧୁ ଓ ମଣିମାଳା ବାହାରକୁ ଦୌଡ଼ିଲେ । ମଣିମାଳା ରୁମ୍‌ରେ ପହଞ୍ଚିବାକୁ ମାତ୍ର ଦୁଇ ମିନିଟ ଲାଗିଲା । କିନ୍ତୁ ସେଇ ରୁମ୍‌ରେ ଯେ ସେମାନଙ୍କ ପାଇଁ ଆଉ ଏକ ବିସ୍ମୟ ଅପେକ୍ଷା କରି ରହିଥିଲା, ତାହା କିଏ ଜାଣେ ?

ମଣିମାଳାର ପଲଙ୍କ ଉପରେ ଠିଆ ହୋଇଥିଲା ଗୋଟାଏ ଭୟଙ୍କର ନର କଙ୍କାଳ । ପାଞ୍ଚ ଜଣ ଯାକ ସ୍ତବ୍ଧ ହୋଇ ଦ୍ୱାର ବନ୍ଧ ପାଖରେ ଠିଆ ହୋଇଗଲେ । ନର କଙ୍କାଳଟା ମନୁଷ୍ୟ ଭଳି ଖୁବ୍ ଶବ୍ଦ କରି ହସି ଉଠିଲା ଓ ବଜ୍ର ଗମ୍ଭୀର ସ୍ୱରରେ କହିଲା, "ସାବଧାନ ! ତମେମାନେ ସବୁ ବିଶ୍ୱାସ ଘାତକ । ତୁମମାନଙ୍କୁ କ୍ଷମାନାହିଁ । ଏହା କହି କଙ୍କାଳଟା ତଳକୁ ଡେଇଁ ପଡ଼ିଲା । ମି: ବର୍ମା କଙ୍କାଳକୁ ଲକ୍ଷ୍ୟ କରି । ମାତ୍ର କଙ୍କାଳଟା ଚିତ୍କାର କରି ହସି ଉଠି କହିଲା, "ସାବଧାନ ! ମୋତେ ଗୁଳିମାରି ଅଯଥା ପରିଶ୍ରମ କରନାହିଁ । କାରଣ ମୋର କିଛିହେଲେ କ୍ଷତି ହେବନାହିଁ । ଏହା କହି କଙ୍କାଳଟା ଦ୍ୱାରବନ୍ଧ ଆଡ଼କୁ ଆଗେଇ ଯାଉଥିଲା । ମି: ବର୍ମା ଧଡ଼୍ କରି ବାହାରପଟୁ କବାଟଟାକୁ ବନ୍ଦ କରି ତାଲା ଲଗାଇ ଦେଲେ । ଭିତରପଟୁ ସେଇ ନର କଙ୍କାଳଟା ମନୁଷ୍ୟ ଭଳି କଣ୍ଠରେ କହିଲା, ଦୁଃସାହସ କରନାହିଁ, ଜୀବନ ଯିବ । ଅତିଶୀଘ୍ର କବାଟ ଖୋଲ । ନଚେତ୍ ତୁମମାନଙ୍କୁ ଧ୍ୱଂସ କରିଦେବାକୁ ମୋତେ ମିନିଟିଏ ମଧ୍ୟ ସମୟ ଲାଗିବ ନାହିଁ ।

Digitized by srujanika@gmail.com

ମଣିମାଳା ଚିତ୍କାର କରି ଉଠିଲା, "ଦୟାକରି···ଆପଣମାନେ କବାଟ ଖୋଲି ଦିଅନ୍ତୁ । ସେ କଙ୍କାଳର ନିର୍ଦ୍ଦେଶ ନମାନିଲେ ଆମର ମୃତ୍ୟୁ ସୁନିଶ୍ଚିତ ।

ମି: ବର୍ମା କିଛି କହିବା ପୂର୍ବରୁ ଇଞ୍ଜିନିୟର ହେନେସି ଫିସ୍ ଫିସ୍ କଣ୍ଠରେ କହିଲେ, "ଏଇ ଦେଖନ୍ତୁ ଗୋଟାଏ ସରୁ ତାର କେମିତି ଘର ଭିତରକୁ ଲମ୍ବି ଯାଇଛି । ମନେହୁଏ ଏହି ତାର ସହ କଙ୍କାଳର ସଂଯୋଗ ରହିଛି । ଶୀଘ୍ର ଏହାକୁ ଛିନ୍ନକରି ଦିଅନ୍ତୁ ।"

ଜର୍ଜ ତାରଟାକୁ ହାତରେ ଧରି ଛିଣ୍ଡାଇ ଦେବାକୁ ଆଗେଇ ଯାଉଥିଲେ, ମାତ୍ର ମି: ବର୍ମା ତାଙ୍କୁ ପଛପଟରୁ ଟାଣି ଆଣି କହିଲେ, "ସାବଧାନ ଡାକ୍ତର । ତାରଟାକୁ ହାତରେ ସ୍ପର୍ଶ କରିବା ନିରାପଦ ନୁହେଁ । ଏତିକି କହି ମି. ବର୍ମା ତାରକୁ ଲକ୍ଷ୍ୟକରି ଗୁଳି ଚଳାଇଲେ ।

ଗୁଡ଼ମ୍···ଗୁଡ଼ମ୍···ଚିତ୍କାର କରିଉଠିଲା ମି. ବର୍ମାଙ୍କର ଦୁଇ ନଳିଆ ରିଭଲ୍‌ଭର୍ । ତାରଟା ଶତଛିନ୍ନ ହୋଇଗଲା, ଆଉ ପର ମୂହୂର୍ତ୍ତରେ ଘର ଭିତରେ କାହାର ଆର୍ତ୍ତ ଚିତ୍କାର ଶୁଣାଗଲା । ଜନ୍ କବାଟ ଖୋଲିଦେଲେ । ଘର ଭିତରେ ଇଲେକ୍‌ଟ୍ରିକ୍ ତାରରେ ଛଆର ଗୋଟାଏ ନରକଙ୍କାଳ ଜଳିଯାଉଥିଲା । ଇଞ୍ଜିନିୟର ହେନେସି କହିଉଠିଲେ ଏ ମଧ୍ୟ ଏକ ବିସ୍ମୟ । ଜଳରାକ୍ଷସର ବୈଜ୍ଞାନିକ କୌଶଳ କି ଅଦ୍ଭୁତ !!

ମଣିମାଳା କହିଲେ ଆମ ହାତରେ ଆଉ ମାତ୍ର ଅଧଘଣ୍ଟାଏ ସମୟ । ଜଳରାକ୍ଷସ ଆସିବା ପୂର୍ବରୁ ଆମକୁ ଏ ଦ୍ୱୀପ ତ୍ୟାଗ କରିବାକୁ ହେବ ।

"—ଉପାୟ ପାଇବ ନାହିଁ ତମେମାନେ । ତା ପୂର୍ବରୁ ଧରାପଡ଼ି ମୋ ହାତରେ ପ୍ରାଣ ହରାଇବ ।" କେହି ଜଣେ ବଜ୍ରଗମ୍ଭୀର କଣ୍ଠରେ ଘୋଷଣା କଲା । ସମସ୍ତେ ଚମକି ପଡ଼ିଲେ । ଆଶ୍ଚର୍ଯ୍ୟର କଥା କେହି କେଉଁଆଡ଼େ ନଥିଲେ । କିଏ ତେବେ ଏ କଥା କହିଲା ?

—ହାଃ···ହାଃ···ହାଃ···ଚିତ୍କାର କରିଉଠିଲା, ପୂର୍ବର ସେହି ସ୍ୱର । କଣ ମୋତେ ଦେଖି ପାରୁ ନାହଁ ? ହାଃ···ହାଃ···ହାଃ···ମନେରଖ ମୁଁ ହେଉଛି ଅଦୃଶ୍ୟ ମାନବ । ମୋତେ ତମେମାନେ କଦାପି ଦେଖି ପାରିବ ନାହିଁ । ଅଥଚ ମୁଁ ତୁମମାନଙ୍କୁ ଏଇ ଷ୍ଟବୁକ୍‌ରେ ପିଟି ପିଟି ଶେଷ କରିଦେବି ।

ଆଃ···ଚିତ୍କାର କରିଉଠିଲା ମଣିମାଳା । ଜନ୍ ମଣିମାଳା ପାଖକୁ ଆଗେଇଗଲେ । ପର ମୁହୂର୍ତ୍ତରେ ଜନ୍ ଅବ୍ୟକ୍ତ ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରିଉଠିଲେ । ହେନେସି କିଛି କହିବା ପୂର୍ବରୁ ଅନୁଭବ କଲେ ଏକ ଶକ୍ତ ଷ୍ଟବୁକ୍ ପାହାର । ସମସ୍ତେ ଅଦୃଶ୍ୟ ମାନବର

Digitized by srujanika@gmail.com

ଗୃବୁକ୍ ମାଡ଼ରେ ଅସ୍ତ ବ୍ୟସ୍ତ ହୋଇ ଚିତ୍କାର କରୁଥିବା ସମୟରେ ମି. ବର୍ମା ସେଇ ସ୍ଥାନରୁ କୌଶଳକ୍ରମେ ଖସିଗଲେ ।

ମି. ବର୍ମା ଖୁବ୍ ଜୋରରେ ଦୌଡ଼ୁଥାନ୍ତି ଆଗକୁ । ମହଲ ପରେ ମହଲ ଅତିକ୍ରମ କରି ସେ ଦୌଡ଼ି ଯାଉଥାନ୍ତି ଉଦ୍ଦେଶ୍ୟହୀନ ଭାବରେ । ହଠାତ୍ ଗୋଟିଏ ସ୍ଥାନରେ ଅଟକିଗଲେ ସେ । ଘର ଭିତରୁ କାହାର କରୁଣ କ୍ରନ୍ଦନ ସ୍ୱର ଭାସି ଆସୁଥିଲା । ମି. ବର୍ମା ଝରକା ପାଖକୁ ଦୌଡ଼ିଯାଇ ଦେଖିଲେ ଜଣେ ଲୋକ ହସ୍ତପାଦ ବନ୍ଧାହୋଇ ପଡ଼ିଛି । ସେ କାଳ ବିଳମ୍ବ ନକରି ଘରର କବାଟ ଖୋଲି ଭିତରେ ପଶିଲେ । ଲୋକଟା କାନ୍ଦିବା ବନ୍ଦ କରି ହୋ ହୋ ହୋଇ ପାଗଳଙ୍କ ଭଳି ହସିବାକୁ ଲାଗିଲା—ତା'ପରେ କହିଲା, "ପୁଣି ଆସିଛ ରବର୍ଟ... ମାର୍, ମାରି ମାର ମୋତେ ଜୀବନରେ ମାରି ଦେ । ହେଲେ ଏ ଯନ୍ତ୍ରଣା ମୁଁ ସହିପାରୁ ନାହିଁ ରବର୍ଟ । ମୋତେ ଶୀଘ୍ର ଶେଷକରି ଦେ ।"

ମି. ବର୍ମା ଲୋକଟି ପାଖରେ ବସିପଡ଼ି ଧୀର ସ୍ୱରରେ କହିଲେ, "ମୁଁ ଆପଣଙ୍କର ରବର୍ଟ ନୁହେଁ ମହାଶୟ । କହିବେ କି ? ରବର୍ଟ କିଏ ?"

ଲୋକଟି ଭଲକରି ତାଙ୍କ ମୁହଁକୁ ଚାହିଁଲା । କହିଲା, "ତମେ ତ ରବର୍ଟ ନୁହେଁ । ତାହେଲେ ତମେ କିଏ ?

"—ମୁଁ, ମୁଁ ଆପଣଙ୍କୁ ଏଠୁ ଉଦ୍ଧାର କରିନେବାକୁ ଆସିଛି ।" ଲୋକଟି ଏକଥା ଶୁଣି ଉଚ୍ଚ ସ୍ୱରରେ ହସିଉଠି କହିଲା, "ଇମ୍ପସିବଲ୍...ମିଷ୍ଟର । ରବର୍ଟ ହାତରୁ ତମେ ବି ଉଦ୍ଧାର ପାଇ ପାରିବ ନାହିଁ । ମୁଁ ଭଲକରି ଜାଣେ ରବର୍ଟ କାହାକୁ ଜୀବିତ ଅବସ୍ଥାରେ ଏ ହାତ ବାହାରକୁ ଛାଡ଼ିବ ନାହିଁ ।

—ମୋତେ ବିଶ୍ୱାସ କରନ୍ତୁ ମହାଶୟ, ମୁଁ ଆପଣଙ୍କୁ ମୋ ଜୀବନ ବିନିମୟରେ ଉଦ୍ଧାର କରିବାକୁ ପ୍ରତିଶ୍ରୁତି ଦେଉଛି । ମୋତେ ବର୍ତ୍ତମାନ କୁହନ୍ତୁ ରବର୍ଟ କିଏ ?

ଲୋକଟି ଏଥର ସିଧାହୋଇ ବସିବାକୁ ଚେଷ୍ଟାକଲା । କିନ୍ତୁ ହସ୍ତ ପଦ ବନ୍ଧାହୋଇ-ଥିବାରୁ ସେ ଚେଷ୍ଟାକରି ମଧ ପଡ଼ିଗଲା । ମି. ବର୍ମା ଲୋକଟିର ହାତ ଓ ଗୋଡ଼ରୁ ଲୁହାକଡ଼ି ଗୁଡ଼ିକ ନିଜର ରିଭଲଭର ସାହାଯ୍ୟରେ ଫାୟାରିଂ କରି ଛିଣ୍ଡାଇ ଦେଲେ । ଲୋକଟିର ହୃଦୟ ମି. ବର୍ମାଙ୍କ ପ୍ରତି କୃତଜ୍ଞତାରେ ଭରିଗଲା । ସେ କିଛି ସମୟ ବର୍ମାଙ୍କ ମୁହଁକୁ ଚାହିଁ ରହି କହିଲା, "ତମେ ପାରିବ ୟଙ୍ଗମ୍ୟାନ୍ ! ! ପାରିବ ତମେ ରବର୍ଟ ହାତରୁ ରକ୍ଷାକରି !!

Digitized by srujanika@gmail.com

ମି. ବର୍ମା ଲୋକଟିର ହାତରେ ହାତରଖି କହିଲେ—ମୁଁ ପାରିବ ମହାଶୟ ଆପଣ ମୋତେ ସାହାଯ୍ୟ କଲେ ମୁଁ ନିଶ୍ଚୟ ପାରିବ । କୁହନ୍ତୁ ଆପଣଙ୍କର ରବର୍ଟ କିଏ ? ସେହି କ'ଣ ଆପଣଙ୍କୁ ଏହି କୋଠରୀରେ ବନ୍ଦୀ କରି ରଖିଛି ?

ଲୋକଟି ଗୋଟିଏ ଦୀର୍ଘଶ୍ୱାସ ପକାଇ କହିଲେ, "ସେ ଅନେକ କଥା ୟଙ୍ଗ୍ ମ୍ୟାନ୍ !"

—ଦୟାକରି ଆପଣ ମୋତେ ସେ କାହାଣୀ କହନ୍ତୁ ମହାଶୟ ! ମି. ବର୍ମା କହିଲେ ।

ଲୋକଟି ଉପରକୁ ଚାହିଁ ସମସ୍ତ ଶୂନ୍ୟ ଦୃଷ୍ଟିରେ ଚାହିଁ କହିବାକୁ ଆରମ୍ଭ କଲା । ରବର୍ଟ ଓ ମୁଁ ଉଭୟେ ଅଭିନ୍ନ ହୃଦୟ ବନ୍ଧୁ । ଆମଘର ଆମେରିକାର ନିଉୟର୍କସହରରେ । ବିଶ୍ୱବିଦ୍ୟାଳୟରେ ଆମେ ଥିଲୁ ସର୍ବଶ୍ରେଷ୍ଠ କୃତୀଛାତ୍ର । ବିଜ୍ଞାନ ପ୍ରତି ଆମ ଦୁହିଁଙ୍କର ଥିଲା ପ୍ରଗାଢ଼ ନିଷ୍ଠା । ଶେଷରେ ସେହି ନିଷ୍ଠା ହିଁ ଆମକୁ ଶ୍ରେଷ୍ଠ ବୈଜ୍ଞାନିକ ଆସନରେ ବସାଇ ପାରିଥିଲା । ଆମେରିକା ସରକାର ଆମ ଦୁହିଁଙ୍କୁ ଦୁଇ ଲକ୍ଷ ଡଲାରର ଦୁଇଟି ପୁରସ୍କାର ମଧ୍ୟ ଦେଇଥିଲେ ।

ହଠାତ୍ ଦିନେ ରବର୍ଟ ଏକ ଅଦ୍ଭୁତ କଳ୍ପନା ମନରେ ଧରି ପହଞ୍ଚିଲା । ଏ ପୃଥିବୀ ବାହାରେ ଆଉ ଏକ ନୂତନ ବିଜ୍ଞାନ ପୃଥିବୀ ସୃଷ୍ଟି କରିବାକୁ ପ୍ରସ୍ତାବ ଧରି ଆସିଲା । ଏହା ଯଦିଓ ଅସମ୍ଭବ ଥିଲା, ତଥାପି ଆମ ବୈଜ୍ଞାନିକଙ୍କ ଜାତକରେ ଏ ଅସମ୍ଭବ ଶବ୍ଦଟି ନାହିଁ । ମୁଁ ତା ପ୍ରସ୍ତାବକୁ ସମର୍ଥନ କଲି । ଶେଷରେ ବହୁ ପରୀକ୍ଷା ନିରୀକ୍ଷା କରି ଆମେ କାର୍ଯ୍ୟରେ ଅଗ୍ରସର ହେଲୁ । ଆମ ଗବେଷଣାର ଫଳ ସ୍ୱରୂପ ବହୁ ଅଦ୍ଭୁତ ଯନ୍ତ୍ରପାତି ଓ କଳକବ୍ଜା ନିର୍ମାଣ କରିବାକୁ ସକ୍ଷମ ହୋଇ ପାରିଲୁ ।

ଶେଷରେ ଆମେରିକା ଛାଡ଼ି ଆମେ ଏ ଦ୍ୱୀପକୁ ଆସିଲୁ । ବୈଜ୍ଞାନିକ କୌଶଳ ପ୍ରୟୋଗ କରି ଏଠି ଆମେ ଗଢ଼ିଲୁ ଏକ ବୈଜ୍ଞାନିକ ଜଗତ । ଯାହା ଏକ ନୂତନ ପୃଥିବୀ ବୋଲି ରବର୍ଟ କହୁଥିଲା । ମାତ୍ର ଯେଉଁଦିନ ସେ ଲୁଣ୍ଠନ, ନାରୀ ଅପହରଣ କରିବାପାଇଁ ମୋତେ ପ୍ରସ୍ତାବ ଦେଲା ମୁଁ ତାକୁ ସ୍ପଷ୍ଟ ମନାକରି ଦେଲି । ସେ ମୋତେ ତାର ନୂଆ ପ୍ଲାନ ବୁଝାଇବାକୁ ଚେଷ୍ଟାକଲା । ବିଭିନ୍ନ ଦେଶରୁ ସୁନ୍ଦର ପୁଅ ଝିଅ ଓ ପ୍ରଚୁର ଅର୍ଥ ସମ୍ପଦ ଅପହରଣ କରି ଆଣି ଏହି ନୂତନ ପୃଥିବୀରେ ସ୍ଥାପନ କରିବ, ଯେଉଁମାନେ ହେବେ ଏ ବୈଜ୍ଞାନିକ ଜଗତର ପ୍ରଥମ ସଭ୍ୟ । ଶେଷରେ ଏହି ନୂତନ ବିଜ୍ଞାନ ଜଗତ ସହିତ ପୃଥିବୀର ଯୁଦ୍ଧ ହେବ । ଆଉ ସେହି

Digitized by srujanika@gmail.com

ଯୁଦ୍ଧରେ ପୃଥିବୀକୁ ପରମାଣୁ ଶକ୍ତିରେ ଧ୍ୱଂସ କରିଦିଆଯିବ । ରବର୍ଟଙ୍କର ଏ ଭସ୍ମାବହ କଳ୍ପନାକୁ ମୁଁ ସମର୍ଥନ କଲି ନାହିଁ । ଫଳରେ ଆମ ଦୁହିଁଙ୍କ ମଧ୍ୟରେ ସୃଷ୍ଟି ହେଲା ମତାନ୍ତର । ହଠାତ୍ ଦିନେ ରବର୍ଟ ମୋତେ ବନ୍ଦୀକଲା । ଏହି ନିର୍ଜନ କକ୍ଷରେ ଲୁହାର ଶିକୁଳିରେ ବନ୍ଧନକରି ରଖିଛି ମୁଁ ଅନୁତାପ କରିବା ପାଇଁ । ଆଉ କହିଯାଇଛି ମୁଁ ମୋ ମତ ବଦଳାଇ ଦେଲେ ସେ ମୋତେ ମୁକ୍ତ ଦେବ, ନଚେତ୍ ଏଇମିତି ସବୁଦିନ ଶୃଙ୍ଖଳରେ ପଡ଼ିଥିବ । ମୁଁ ସ୍ପଷ୍ଟ କହିଦେଇଛି କୌଣସିଦିନ ମୁଁ ମୋ ସିଦ୍ଧାନ୍ତରୁ ଟଳିବି ନାହିଁ । ବିଜ୍ଞାନର ସୃଷ୍ଟି ଧ୍ୱଂସ ପାଇଁ ନୁହେଁ ଶାନ୍ତି ପାଇଁ ଏହି କଥା ମୁଁ ତାକୁ ବାରମ୍ବାର କହି ଆସିଛି । ଏତିକି କହି ସେ ଚୁପ୍ ହେଲେ ।

ମି. ବର୍ମା ପଚାରିଲେ—"ଆପଣଙ୍କ ନାଁ ?

ଆଗନ୍ତୁକ ଶ୍ରେଷ୍ଠିଆ ହସଟିଏ ହସି ଉତ୍ତର ଦେଲେ ମୋ ନାଁ ଜେମସ୍ ଆଣ୍ଡରସନ୍ ।

ମି. ବର୍ମା ଚମକି ପଡ଼ି କହିଲେ ଆପଣ ହେଉଛନ୍ତି ଜେମସ୍ ଆଣ୍ଡରସନ୍ !! ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ଆଣ୍ଡରସନ୍ !! ମୋର କି ଭାଗ୍ୟ !! ଆପଣଙ୍କ ସହ ଆଜି ସାକ୍ଷାତ୍ ହେଲା । ମହାଶୟ ମୁଁ ହେଉଛି ଜଣେ ଭାରତୀୟ । ମୋର ନାଁ ଡଃ ଆଶୁତୋଷ ବର୍ମା । ଆପଣଙ୍କର ବନ୍ଧୁ ରବର୍ଟଙ୍କୁ ଧରିବା ପାଇଁ ମୁଁ ଏଠାକୁ ଆସିଛି । ସେ ବର୍ତ୍ତମାନ "ଜଳରାକ୍ଷସ" ନାମରେ ବିଶୃଙ୍ଖଳା ସୃଷ୍ଟି କରିଛି । ପୃଥିବୀକୁ ତାର ଘୃଣ୍ୟ ଚକ୍ରାନ୍ତ କବଳରୁ ଉଦ୍ଧାର କରିବା ପାଇଁ ମୋ ସହିତ ଆଉ ତିନିଜଣ ମଧ୍ୟ ଏଠାକୁ ଆସିଛନ୍ତି । ସେମାନେ ହେଲେ ଆମେରିକା ଅଧିବାସୀ କ୍ୟାପ୍ଟେନ୍ ଜନ୍, ଋଷିଆର ଜଣେ ବିଖ୍ୟାତ ଇଞ୍ଜିନିୟର ହେନେରୀ ସାର୍କୋନା ଓ ଇଂଲଣ୍ଡର ଜଣେ ଡାକ୍ତର ତାଙ୍କ ନାଁ ଜର୍ଜ । ଏମାନେ ଦିନେ ଜଳ ରାକ୍ଷସ କବଳରେ ବନ୍ଦୀ ହୋଇ ରହିଥିଲେ । କୌଶଳ କ୍ରମେ ଖସିଯାଇ ମୋ ସହିତ ମେଣ୍ଟ ବାନ୍ଧିଛନ୍ତି । ମହାଶୟ, ଆମ ସମସ୍ତଙ୍କର ଲକ୍ଷ୍ୟ ଏକ ଓ ଅଭିନ୍ନ । ତେଣୁ ମୋର ଅନୁରୋଧ, ଆପଣ ଆମ ସହିତ ସହଯୋଗ କରନ୍ତୁ । ଜେମ୍ସ୍ ଉଠିପଡ଼ି କହିଲେ—ତୁମେ ଆଶୁତୋଷ ବର୍ମା ? ରହସ୍ୟ ସନ୍ଧାନୀ ଭାବରେ ଯିଏ ସମଗ୍ର ପୃଥିବୀରେ ସୁନାମ ଅର୍ଜନ କରିଛି ସେଇ ଆଶୁତୋଷ ବର୍ମା ?

—ୟେସ୍ ସାର୍

ଜେମ୍ସ୍ ମି. ବର୍ମାଙ୍କୁ କୁଣ୍ଢାଇ ପକାଇଲେ । ଆନନ୍ଦରେ ଅଧୀର ହୋଇ କହିଲେ—ମୁଁ ଶୁଣିଥିଲି ଭାରତୀୟମାନେ କୁଆଡ଼େ ଖୁବ୍ ନିର୍ଭିକ ଓ ସାହସୀ । ଆଜି ତୁମକୁ ଦେଖିବାପରେ ସେଇ ଉକ୍ତିର ସତ୍ୟତା ଉପଲବ୍ଧି କରି ପାରୁଛି । ମୁଁ ତୁମକୁ ଭେଟି ଖୁବ୍ ଗର୍ବ ଅନୁଭବ କରୁଛି ମି. ବର୍ମା ।

Digitized by srujanika@gmail.com

ମି: ବର୍ମା କହିଲେ— ସାର୍ ଆମର ବନ୍ଧୁମାନେ ଅନ୍ୟଏକ କୋଠରୀରେ ଅଦୃଶ୍ୟ ମାନବ ହାତରେ ବନ୍ଦୀ । ଆପଣ ସେମାନଙ୍କୁ ଶୀଘ୍ର ରକ୍ଷା କରନ୍ତୁ । ଆପଣଙ୍କର ବନ୍ଧୁ ରବର୍ଟ ଦୁଇଘଣ୍ଟା ପାଇଁ ଦ୍ୱୀପ ବାହାରକୁ ଯାଇଛନ୍ତି ।

—ତେବେ ତ ଏହାହିଁ ସୁବର୍ଣ୍ଣ ସୁଯୋଗ । ତୁମେ ଶୀଘ୍ର ମୋ ସହିତ ଆସ । ସେ ଅଦୃଶ୍ୟ ମାନବ କେବଳ ରବର୍ଟ ଓ ମୋ ନିର୍ଦ୍ଦେଶ ବ୍ୟତୀତ ପୃଥିବୀର ଅନ୍ୟ କୌଣସି ନିର୍ଦ୍ଦେଶ ମାନବ ନାହିଁ ।

ଦୁହେଁ ସେଇ କୋଠରୀ ଆଡ଼କୁ ଦୌଡ଼ିବା ଆରମ୍ଭ କରିଦେଲେ । ସେଠାରେ ପହଞ୍ଚିବା ବେଳକୁ ଜନ୍, ଜର୍ଜ, ହେନେରୀ ଓ ମଣିମାଳା ଘୁଷୁକ୍ ମାଡ଼ରେ ଅସ୍ତବ୍ୟସ୍ତ ହୋଇ ଚିତ୍କାର କରୁଥିଲେ ।

—"ମ୍ୟାଜିକ ଭଏସ୍, ଷ୍ଟପ୍ ଇଟ୍" ଚିତ୍କାର କରିଉଠିଲେ ଜେମ୍ସ୍ ।

—ୟେସ୍ ମାଷ୍ଟର ।

ଶୂନ୍ୟରୁ ଏକଥା ଶୁଣାଯିବା ସଙ୍ଗେ ସଙ୍ଗେ ଘୁଷୁକ୍‌ରେ ପିଟିବା ବନ୍ଦ ହୋଇଗଲା ।

ଜେମ୍ସ୍ ପୁଣି ଆଦେଶ ଦେଲେ—ମ୍ୟାଜିକ୍ ଭଏସ୍ ! ପ୍ଲିଜ୍ ଗୋ ଆଉଟ୍ ।

—ୟେସ୍ ମାଷ୍ଟର ।

ଜେମ୍ସ୍ କହିଲେ ଏଥର ଆପଣମାନେ ନିରାପଦ ।

ମି: ବର୍ମା ସମସ୍ତଙ୍କୁ ଜେମ୍ସ୍‌ଙ୍କର ପରିଚୟ ଦେଲେ । ଜେମସ୍‌ଙ୍କ ପରିଚୟ ପାଇ ସମସ୍ତେ ଆନନ୍ଦରେ ଆତ୍ମହରା ହୋଇଗଲେ ।

ମିସ୍ ମଣିମାଳା ହାତ ଘଣ୍ଟାକୁ ଚାହିଁ କହିଲେ ଆମ ହାତରେ ଆଉ ମାତ୍ର ଦଶ ମିନିଟ୍ ସମୟ ରହିଛି । ସମସ୍ତେ ହଠାତ୍ ଚମକି ପଡ଼ିଲେ । ଜେମସ୍ ସମସ୍ତଙ୍କୁ ଅନୁସରଣ କରିବାକୁ କହି ଏକ ରକମ ଦୌଡ଼ଦୌଡ଼ି କଣ୍ଟ୍ରୋଲ୍ ରୁମ୍ ଆଡ଼କୁ ଆଗେଇ ଚାଲିଲେ । ସେଠାରେ ପହଁଞ୍ଚିବାକୁ ସମସ୍ତଙ୍କୁ ପ୍ରାୟ ପାଞ୍ଚ ମିନିଟ୍ ସମୟ ଲାଗିଲା । ଜେମସ୍ କହିଲେ, ଦେଖନ୍ତୁ ଏ କଣ୍ଟ୍ରୋଲ୍ ରୁମ୍ ହେଉଛି ମାନବ ଜଗତର ସବୁଠାରୁ ବଡ଼ ବିସ୍ମୟ । ରବର୍ଟ ଓ ମୁଁ ଏହାର ନିର୍ମାତା । ଏହି କଣ୍ଟ୍ରୋଲ ରୁମ୍ ଭିତରେ ବସି ପୃଥିବୀର ସମସ୍ତ ଦୃଶ୍ୟ ଦେଖିବା ସଙ୍ଗେ ସଙ୍ଗେ କଥା ମଧ୍ୟ ଶୁଣି

Digitized by srujanika@gmail.com

ପାରିବ । ଏହି କଣ୍ଟ୍ରୋଲ୍ ରୁମ୍‌ରେ ସମଗ୍ର ଦ୍ୱୀପର ସୁଇଚ୍ ରହିଛି । ଆମକୁ ଅନ୍ତତଃ ଏଇ ଘରଟାକୁ ଅଧିକାର କରିନେବାକୁ ହେବ । ଏହା ମଧ୍ୟକୁ ପ୍ରବେଶପଥ କେବଳ ଆମ ଦୁହିଁଙ୍କ ଛଡ଼ା ଆଉ କାହାକୁ ଜଣାନାହିଁ ।”

ଏତକ କହି ଜେମସ୍ ଆଦେଶ ଦେବାଭଳି ଗମ୍ଭୀର କଣ୍ଠରେ କହିଲେ — ମ୍ୟାଜିକ୍ ଭଏସ !!

—ୟେସ୍ ମାଷ୍ଟର !!!

—ଆଇ ସାଲ୍ ଶୋ ଇନ୍ ସାଇଡ୍...

—ୟେସ୍ ମାଷ୍ଟର ।

ହଠାତ୍ କଣ୍ଟ୍ରୋଲ୍ ରୁମ୍‌ର କାଚଟା ନୀଳ ହୋଇ ଆସିଲା । ସେଇ ନୀଳ ରଙ୍ଗର କାଚରେ ଦେଖାଗଲା ଗୋଟିଏ ଧଳା ବୋତାମ ସେଇଟିକୁ ଟିପିଦେଲେ ଜେମ୍‌ସ୍ । ସଙ୍ଗେ ସଙ୍ଗେ କାଚର ଦ୍ୱାରଟି ଖୋଲିଗଲା । ସେ ଭିତରକୁ ପ୍ରବେଶ କଲେ । ଜେମସ୍ ସେ ଦ୍ୱୀପର ସମସ୍ତ ସୁଇଚ୍‌କୁ ଅଚଳ କରିଦେଇ ଆନନ୍ଦରେ ବାହାର ହୋଇଗଲେ ।

ମଣିମାଳା କହିଲେ, “ଆମ ହାତରେ ଥିବା ଦଶ ମିନିଟ୍ ସମୟ ଏବେ ଶେଷ ହୋଇ ଯାଇଛି । ସମ୍ଭବତଃ ଏଥର ଜଳରାକ୍ଷସ ହାତରେ ଧରା ପଡ଼ିଯିବା ।

ତା’ପରେ ସମସ୍ତେ ଦୌଡ଼ିବାକୁ ଲାଗିଲେ, ଅଳ୍ପ ସମୟ ମଧ୍ୟରେ ସେମାନେ ସମୁଦ୍ର କୂଳରେ ପହଞ୍ଚିଗଲେ । ସେଠି ରହିଛି ଗୋଟାଏ ମଟର ବୋଟ୍ ସମସ୍ତେ ମଟର ବୋଟ୍‌ରେ ବସିପଡ଼ିଲେ । କ୍ୟାପଟେନ ଜନ୍ ବୋଟ୍ ଚଳାଇବାକୁ ଆରମ୍ଭ କଲେ । ଠିକ୍ ଏହି ସମୟରେ ଆକାଶରେ ଦେଖାଗଲା ଏକ ନୀଳ ରଙ୍ଗର ହେଲିକେପ୍ଟର୍...

ହେଲିକେପ୍ଟରଟା ସେଇମାନଙ୍କ ଆଡ଼କୁ ଖର ବେଗରେ ଛୁଟି ଆସୁଥିଲା... ।

ଆକାଶକୁ ଚାହିଁ ଚିତ୍କାର କରି ଉଠିଲେ ଜେମସ୍ “ବୋଟ୍‌କୁ ଶୀଘ୍ର କୂଳକୁ ଫେରାଇ ନିଅ କ୍ୟାପଟେନ୍ ଜନ୍ । ଜଳ ରାକ୍ଷସ ହେଲିକେପ୍ଟରରେ ଆମକୁ ଅନୁସରଣ କରୁଛି । ଶୀଘ୍ର କୂଳକୁ ନ ନେଲେ ବୋଟ୍‌ଟିକୁ ବୁଡ଼ାଇ ଦେବାକୁ ତାକୁ ବେଶୀ କଷ୍ଟ କରିବାକୁ ପଡ଼ିବ ନାହିଁ ।”

ଚମକି ଉଠିଲେ ସମସ୍ତେ । କ୍ୟାପ୍‌ଟେନ ଜନ୍ ବୋଟର ଗତି କମାଇ ଦେଇ ତାକୁ ଫେରାଇବାକୁ ଉପକ୍ରମ କଲେ । ସେମାନେ କୂଳଠାରୁ ପ୍ରାୟ ୨୦୦ ମିଟର ଦୂରରେ ଥିଲେ,

Digitized by srujanika@gmail.com

ହଠାତ୍ ହେଲିକପ୍ଟରଟା ନଇଁ ଆସିଲା ବୋଟ୍ ଆଡ଼କୁ । କ୍ୟାପ୍ଟେନ୍ ବୋଟର ଗତି ବଢ଼ାଇ ଦେଲେ । ପର ମୁହୂର୍ତ୍ତରେ ଏକ ପ୍ରଚଣ୍ଡ ଶବ୍ଦରେ ଜଳରାଶି ଥରି ଉଠିଲା । ବିରାଟ ଲହରୀମାଳା ଉଠି ଆସିବା ଫଳରେ ବୋଟଟି ତା'ଭିତରେ ଟଳମଳ ହେବାକୁ ଆରମ୍ଭ କଲା । ବର୍ମା କହିଲେ, "ମି. ଜେମ୍ସ ! ଜଳ ରାକ୍ଷସର ଏ ବୋମା ମାଡ଼ରୁ ଆମେ ବୋଟ୍‌କୁ ଉଦ୍ଧାର କରିବା କିପରି ? ଉପାୟ ??"

ମି. ଜେମସ୍ ସେତେବେଳକୁ ଉପରକୁ ଚାହିଁ ହେଲିକପ୍ଟରର ଗତିବିଧି ଦେଖୁଥିଲେ । ବର୍ମାଙ୍କ ପ୍ରଶ୍ନ ସେ ଶୁଣି ପାରିଲେନାହିଁ । ପକେଟରୁ ରିଭଲ୍‌ଭର ବାହାର କରି ବାଗେଇ ଧରିଲେ । ହେଲିକପ୍ଟରଟା କ୍ରମଶଃ ସେମାନଙ୍କ ମୁଣ୍ଡ ଉପରକୁ ନଇଁ ଆସୁଥିଲା ।

ଗୁଡ଼ୁମ୍...ଗୁଡ଼ୁମ୍...ଗର୍ଜି ଉଠିଲା ମି: ଜେମସ୍‌ଙ୍କର ରିଭଲ୍‌ଭର । ଠିକ୍ ସେଇ ମୁହୂର୍ତ୍ତରେ ହେଲିକପ୍ଟରୁ ଛୁଟି ଆସିଲା ଗୋଟାଏ ହ୍ୟାଣ୍ଡ ବମ୍ । ବୋଟର ଠିକ୍ ଡାହାଣ ପାଖରେ ଫାଟିଲା ସେଟା । ପ୍ରଚଣ୍ଡ ବିସ୍ଫୋରଣ ସହ ଲହରୀମାଳା ଅନେକ ଉଚ୍ଚକୁ ଉଠିଗଲା । ଆଉ ସେଇ ଉତ୍ତାଳ ତରଙ୍ଗମାଳା ଭିତରେ କ୍ଷୁଦ୍ରକାୟ ବୋଟ୍ ଟିକ ଅଦୃଶ୍ୟ ହୋଇଗଲା ମୁହୂର୍ତ୍ତକ ପାଇଁ । ମଣିମାଳା ଚିତ୍କାର କରି କହି ଉଠିଲେ, "ମି. ଜେମସ୍ ଆମକୁ ବଞ୍ଚାଅ । ବୋଟରେ ଯେ ପାଣି ପଶିବାକୁ ଆରମ୍ଭ କରିଛି । ଆଉ କେତୋଟି ମିନିଟ୍ ଅପେକ୍ଷା କଲେ ବୋଟ୍‌ଟି ବୁଡ଼ିଯିବ ।"

ମି. ଜେମ୍ସ ବ୍ୟସ୍ତ, ବିବ୍ରତ ହୋଇ ଉତ୍ତର ଦେଲେ, "ତମେମାନେ ଡରି ଯାଅନା, ଧୈର୍ଯ୍ୟର ସହ ବୋଟ୍‌ରୁ ଜଳ ନିଷ୍କାସନରେ ଲାଗିଯାଅ । ଆଉ କ୍ୟାପଟେନ୍ ଜନ୍ ତମେ ଆପ୍ରାଣ ଚେଷ୍ଟା କରି କୂଳ ଆଡ଼କୁ ବୋଟ୍ ଚଳାଅ । ମୁଁ ହେଲିକପ୍ଟର ଉପରେ ନଜର ରଖିଛି ।"

ଦୁଇ ରାଉଣ୍ଡ ଗୁଳି ବ୍ୟର୍ଥ ହୋଇଯିବାପରେ ମି. ଜେମ୍ସ ରିଭଲଭରର ଚେମ୍ବର ଖୋଲି ଦେଖିଲେ ଆଉ ମାତ୍ର ଗୋଟିଏ ରାଉଣ୍ଡ ଗୁଳି ବାକି ଅଛି । ସେଇ ଗୁଳିଟି ହିଁ ହେଉଛି ସେମାନଙ୍କର ଆତ୍ମ ରକ୍ଷା କରିବାର ଶେଷ ଅସ୍ତ୍ର । ଏହାରି ଉପରେ ନିର୍ଭରକରେ ସେମାନଙ୍କର ଜୀବନ । ଯଦି ଏଇ ଗୁଳି ମାଡ଼ରେ ହେଲିକପ୍ଟରଟି ଜଖମ ନହୁଏ ତେବେ ଜଳରାକ୍ଷସର ବୋମା ମାଡ଼ରେ ସେମାନେ ସମୁଦ୍ରର ଉତ୍ତାଳ ଜଳରାଶି ଭିତରେ ହଜିଯିବେ ।

ବୋଟରୁ ଜଳ ନିଷ୍କାସନରେ ସମସ୍ତେ ଲାଗିପଡ଼ିଥିଲେ । ମି. ଜେମସ୍ ଚାହିଁ ରହିଥିଲେ ଆକାଶକୁ । ହେଲିକପ୍ଟରଟା ପୁନର୍ବାର ଛୁଟି ଆସୁଛି ସେମାନଙ୍କ ଆଡ଼କୁ । ଆଉ ମାତ୍ର

Digitized by srujanika@gmail.com

କେତୋଟି ସେକେଣ୍ଡ--- । ଭଗବାନ ଯୀଶୁଙ୍କୁ ସ୍ମରଣ କରି ରିଭଲଭର ଟ୍ରିଗରରେ ଚାପ-ଦେଲେ ମି. ଜେମସ୍ । ଗର୍ଜିଉଠିଲା ଶକ୍ତିଶାଳୀ ଅଟୋମେଟିକ୍ ରିଭଲଭର୍ । ପରମୁହୂର୍ତ୍ତରେ ଦେଖାଗଲା, ଏକ ଶର ବିଦ୍ଧ ପକ୍ଷୀଭଳି ଆକାଶରୁ ଖସି ଆସୁଛି ହେଲିକପ୍ଟରଟି । ପ୍ରଚଣ୍ଡ ଅଗ୍ନିଶିଖା ସହ ମାତ୍ର କେତୋଟି ସେକେଣ୍ଡ ଭିତରେ ଖସି ପଡ଼ିଲା ସମୁଦ୍ର ବକ୍ଷରେ । ମି. ଜେମସ୍ ଲକ୍ଷ୍ୟ କଲେ ସେଇ ଧ୍ୱଂସ ସ୍ତୂପ ଭିତରୁ ଏକ ବିକଟାକୃତି ଭୟଙ୍କର କଳା ମାନବ ପହଁରି ପହଁରି ସେମାନଙ୍କ ଆଡ଼କୁ ଆଗେଇ ଆସୁଛି । ତାହାଲେ କ'ଣ ଜଳରାକ୍ଷସ ଅଗ୍ନି ନିରୋଧକ ପୋଷାକ ପିନ୍ଧିଛି !!! ଜେମସ୍ ତା ପାଖରୁ ବୋଟଟାକୁ ଦୂରେଇ ନେବାକୁ ଆଦେଶ ଦେଲେ । ବୋଟ୍‌ଟି କୂଳ ଆଡ଼କୁ ଆଗେଇ ଆସିଲା । ଆଶ୍ଚର୍ଯ୍ୟର କଥା ସେଇ ଅଦ୍ଭୁତ ଜୀବଟା ମଧ୍ୟ ସେମାନେ ପହଞ୍ଚିବାର କେତୋଟି ମିନିଟ ପରେ କୂଳରେ ଆସି ଲାଗିଲା ଓ ଭୀଷଣ ଗର୍ଜନ କରି ସେମାନଙ୍କ ଆଡ଼କୁ ଆଗେଇ ଆସିଲା ।

ମି. ଜେମସ୍ ଚିତ୍କାର କରି ଉଠିଲେ, "ସାବଧାନ ରବର୍ଟ । ଆମର କିଛି କ୍ଷତି କରିବା ପୂର୍ବରୁ ଆମେ ତାକୁ ବନ୍ଦୀ କରିବୁ ।"

ହାଃ...ହାଃ...ହାଃ...ହସି ଉଠିଲା ସେଇ ଅଦ୍ଭୁତ ମାନବ । "ମୋତେ ଯେତେବେଳେ ପେଟ୍ରୋଲ ନିଆଁ ପୋଡ଼ି ପାରିଲା ନାହିଁ, ସେତେବେଳେ ବନ୍ଦୀ କରିବାକୁ କହିବା ଗୋଟାଏ ହାସ୍ୟାସ୍ପଦ କଥା । ତୁମମାନଙ୍କର ବିଶ୍ୱାସ ଘାତକତାର ପରିଣତି ତୁମମାନଙ୍କୁ ଭୋଗିବାକୁ ହେବ । ଏଥିପାଇଁ ମୁଁ ତୁମମାନଙ୍କୁ କଠିନ ଶାସ୍ତି ଦେବ ।" ଏତିକି କହି "ଜଳ ରାକ୍ଷସ" ଡାକିଲା—"ମ୍ୟାଜିକ୍ ଭଏସ୍ !!! ଶୀଘ୍ର ଏମାନଙ୍କୁ ଇଲେକ୍‌ଟ୍ରିକ୍ କରେଣ୍ଟ ଥିବା ଚାବୁକ୍‌ରେ ପିଟିବା ଆରମ୍ଭ କରିଦିଅ ।"

ମି. ଜେମସ୍ ହସି ଉଠି କହିଲେ—ଆଉ ମ୍ୟାଜିକ୍ ଭଏସ୍ ତମର ଆଦେଶ ମାନିବ ନାହିଁ ରବର୍ଟ । ମୁଁ ଏ ଦ୍ୱୀପର ସମସ୍ତ ସୁଇଚ୍‌ଗୁଡ଼ିକୁ ଅଫ୍ କରିଦେଇ ଆସିଛି । ଆଉ ତମର ବିଜ୍ଞାନ କଣ୍ଟ୍ରୋଲ ରୁମ ବର୍ତ୍ତମାନ ଧ୍ୱଂସ ସ୍ତୂପ । ଏବେ ତମେ ବନ୍ଦୀ...

"ଜେମସ୍ !!!" ଚିତ୍କାର କରି ଉଠିଲା ଜଳ ରାକ୍ଷସ ।

ଜଳ ରାକ୍ଷସ ହାତରେ ଚକଚକ କରୁଛି ଏକ ଶକ୍ତିଶାଳୀ ରିଭଲଭର । ସେ ଗର୍ଜିଉଠି କହିଲା, "ଏଇ ରିଭଲଭରର ଚେମ୍ବରରେ ଥିବା ୫ଟି ଗୁଳି ତମ ପାଞ୍ଚ ଜଣଙ୍କ ପାଇଁ ଯଥେଷ୍ଟ । ଏବେ ମରିବାକୁ ପ୍ରସ୍ତୁତ ହୁଅ ।"

Digitized by srujanika@gmail.com

ହଠାତ୍ ନଇଁ ପଡ଼ି ପାଦରୁ ଯୋଡାଏ ଟାଣି ଆଣି ଜଳ ରାକ୍ଷସର ହାତକୁ ଲକ୍ଷ୍ୟ କରି ଖୁବ୍ ଯୋରରେ ଫିଙ୍ଗିଦେଲେ ମି. ବର୍ମା । ଛୁରିଟିକ ପଡ଼ିଲା ଖସିପଡ଼ି । ପର ମୁହୂର୍ତ୍ତରେ ସେଇଟିକୁ ଟପ୍ କିନା ଉଠାଇ ନେଲେ ଜେମସ୍ । ତା'ପରେ ପର ପର ପାଞ୍ଚ ରାଉଣ୍ଡ ଗୁଳି ଜଳ ରାକ୍ଷସ ଛାତିକୁ ଲକ୍ଷ୍ୟ କରି ଫୁଟାଇଲେ ।

ହୋ...ହୋ...ହୋଇ ହସିଉଠିଲା ଜଳ ରାକ୍ଷସ ।

—"ତୁମର ବୁଲେଟ୍ ଗୁଡ଼ିକ ମୋର ଏ ବୁଲେଟ୍ ପ୍ରୁଫ୍ ପୋଷାକରେ ବାଜି ବ୍ୟର୍ଥ ହୋଇଛି ଜେମସ୍ । ବନ୍ଧୁକର ଗୁଳି ମୋର କୌଣସି କ୍ଷତି କରିପାରିବ ନାହିଁ । ବନ୍ଧୁ ବୋଲି ମୁଁ ତୋତେ ଆଜି ପର୍ଯ୍ୟନ୍ତ ବଞ୍ଚାଇ ରଖିଥିଲି । ମାତ୍ର ଆଉ ନୁହେଁ । ମୁଁ ତୋତେ ଆଜି ଏ ପୃଥିବୀରୁ ବିଦାୟ ଦେବି ।" ଏତିକି କହି ଜଳ ରାକ୍ଷସ ଜେମସ୍‌ଙ୍କ ଉପରକୁ ଝାମ୍ପ ଦେଲା ।

ଜେମସ୍ ପୂର୍ବରୁ ପ୍ରସ୍ତୁତ ଥିଲେ । ସେ ଟିକିଏ ଦୂରକୁ ଘୁଞ୍ଚିଗଲେ । ଜଳ ରାକ୍ଷସ ଲଞ୍ଚ୍‌ର ଧାରରେ ପିଟି ହୋଇଗଲା । ଜେମସ୍ ତାକୁ ମାଡ଼ିବସିଲେ । ମି: ବର୍ମା ନଙ୍ଗର ଦଉଡ଼ି ଖୋଲି-ନେଇ ତାକୁ ବାନ୍ଧି ପକାଇଲେ ।

ପୃଥିବୀର ସର୍ବଶକ୍ତିମାନ ଜଳରାକ୍ଷସ ଆଜି ଗୋଟିଏ ଶ୍ରେଷ୍ଠ ମୂଷାଛୁଆ ଭଳି ବନ୍ଦୀ । ଜେମସ୍ ନିଜ ହାତରେ ଜଳରାକ୍ଷସ ଦେହରୁ ସେ ଭୟଙ୍କର ରାକ୍ଷସାକୃତି ପୋଷାକଟି ଖୋଲି ବାହାର କରିବାକୁ ଯିବା ସମୟରେ ଉଚ୍ଚ ସ୍ୱରରେ ହସି ଉଠିଲେ । ସେ ହସରେ ଲଞ୍ଚ୍‌ଟି ଫାଟିପଡ଼ିବା ଭଳି ଜଣାଗଲା । ସେ ପାଗଳଙ୍କ ଭଳି କହି ଚାଲିଥିଲେ— ମୁଁ ତୋର ଉଦ୍ଦେଶ୍ୟ ପୂରଣ ହେବାକୁ ଦେବି ନାହିଁ ରବର୍ଟ । ସମଗ୍ର ପୃଥିବୀକୁ ଧ୍ୱଂସ କରି ଏକ ନୂତନ ପୃଥିବୀ ଗଠନ କରିବାକୁ ଯେଉଁ ପରିକଳ୍ପନା କରିଥିଲୁ ତାହା ମୁଁ ପଣ୍ଡ କରି ଦେଇଛି ।

ଜେମ୍‌ସ୍ ବହୁ କଷ୍ଟରେ ରବର୍ଟ ଦେହରୁ ସେ ଅଦ୍ଭୁତ ପୋଷାକଟି ଖୋଲି ବାହାର କରିଦେଲେ । ରବର୍ଟ ଏବେ ଜଣେ ନିରୀହ ବନ୍ଦୀ । ସେ ଆଖିବୁଜି କ'ଣ ଚିନ୍ତା କରୁଥିଲା ।

କିଛି ସମୟ ପରେ ସେ ଆଖି ଖୋଲି ସମସ୍ତଙ୍କୁ ଚାହିଁଲା । ଅତି କରୁଣ ସେ ଦୃଷ୍ଟି । ସମସ୍ତେ ରବର୍ଟ ପାଖକୁ ଘୁଞ୍ଚି ଆସିଲେ । ରବର୍ଟ କହିଲା—ମୋର ଉଦ୍ଦେଶ୍ୟ ସଫଳ ହୋଇ ପାରିଲା ନାହିଁ ଜେମ୍‌ସ୍ । ମୋର ସ୍ୱପ୍ନ ଅଧାରେ ରହିଗଲା । ଶେଷ ମୁହୂର୍ତ୍ତରେ ମୁଁ ତୁମ୍ଭମାନଙ୍କୁ କହିଯାଉଛି ଏ ଦ୍ୱୀପର ଦକ୍ଷିଣ ପାର୍ଶ୍ୱରେ ଏକ ବିରାଟ ବୁଡ଼ା ଜାହାଜ ରଖାଯାଇଛି । ସେଇ ଜାହାଜରେ ଏ ଦ୍ୱୀପରେ ଥିବା ସମସ୍ତ ବ୍ୟକ୍ତିଙ୍କୁ ନେଇଯିବ । ମୋର ଆଉ ବିଶେଷ କିଛି କହିବାର ନାହିଁ ।

ଟିକିଏ ଦମ୍ ନେଇ ରବର୍ଟ ପୁଣି କହିଲା—ପୃଥିବୀର ସର୍ବଶକ୍ତିମାନ ଜଳରାକ୍ଷସକୁ ତୁମେ-ମାନେ ବନ୍ଦୀକରି ନେଇଗଲେ ଏହା ମୋତେ ଖୁବ୍ ଅପମାନ ହେବ ଜେମ୍‌ସ୍ । ମନେରଖ

Digitized by srujanika@gmail.com

ମୋର ଜୀବନ୍ତ ଶରୀରକୁ ତୁମେମାନେ କଦାପି ପୃଥିବୀ ବାସୀଙ୍କୁ ଉପହାର ଦେଇ ପାରିବ ନାହିଁ । ତାହା ମୁଁ କଦାପି କରଇ ଦେବ ନାହିଁ । ଏହି ଦେଖ, ମୋ ପାଟି ଭିତରେ ପ୍ଲାଷ୍ଟ ଗୋଟିଏ ବୋତାମ୍ ରହିଛି । ଏହାକୁ ଦାନ୍ତରେ ଚିପିଦେବାମାତ୍ରେ ଏଥିରୁ ଏକ ଉତ୍କଟ ବିଷ ବାହାରି ମୋର ରକ୍ତରେ ମିଶିଯିବ । ତାର ନାମ ପଟାସିଅମ୍ ସାଇନାଇଡ୍ । ତାର ପର ମୁହୂର୍ତ୍ତରେ ମୁଁ ଏ ସୁନ୍ଦର ପୃଥିବୀଠାରୁ ଅନେକ ଦୂରକୁ ଚାଲିଯାଇଥିବ ।

ଏହା ଶୁଣି ଜେମ୍ସ ରବର୍ଟଙ୍କୁ ଧରି ପକାଇଲେ । ମାତ୍ର ସେତେବେଳକୁ ସବୁ ଶେଷ ହୋଇ ଯାଇଥିଲା । ରବର୍ଟ ଦାନ୍ତରେ ବୋତାମଟିକୁ ଚିପିଧରି ତଳେ ପଡ଼ିଲେ । ପୃଥିବୀର ସର୍ବ-ଶକ୍ତିମାନ ଜଳ ରାକ୍ଷସର ମୃତ ଦେହ ଅତି ଅସହାୟ ଭାବରେ ବୋଟ୍‌ର ଗୋଟିଏ କଡ଼ରେ ପଡ଼ିରହିଥିଲା ।

(୮)

ପର ଦିନ ସକାଳେ ଗୋଟିଏ ବିରାଟ ଜାହାଜ "ସି-ଟାଇଗର" ସେଇ ଦ୍ୱୀପ ଛାଡ଼ି ସ୍ଥଳ ଭାଗ ଅଭିମୁଖେ ଚାଲିଲା । ସେଥିରେ ଥିଲେ ଜେମସ୍, ମି. ବର୍ମା, କ୍ୟାପ୍‌ଟେନ୍ ଜନ୍, ଜର୍ଜ, ହେନେରି, ମିସ୍ ମଣିମାଳା ଓ ଦ୍ୱୀପର ଅନ୍ୟ ବାସିନ୍ଦା । ରବର୍ଟର ମୃତ ଦେହକୁ ସେଇ ଦ୍ୱୀପରେ ଏକ ସର୍ବୋଚ୍ଚ ସ୍ଥାନରେ କବର ଦିଆ ଯାଇଥିଲା । ସେଇ କବର ଉପରେ ଲେଖାଯାଇଥିଲା—"ବିଜ୍ଞାନକୁ ଅପବ୍ୟବହାର କଲେ ରବର୍ଟଙ୍କ ଭଳି ବିଶ୍ୱ ବିଖ୍ୟାତ ବୈଜ୍ଞାନିକଙ୍କୁ ମଧ୍ୟ ପ୍ରତି ଫଳ ଭୋଗ କରିବାକୁ ପଡ଼େ ।"

ଜାହାଜ ସମୁଦ୍ରର ଢେଉ କାଟି କାଟି ଆଗକୁ ଚାଲିଥିଲା, ଜାହାଜର ଡେକ୍ ଉପରେ ବସି ମି. ବର୍ମା କହିଲେ— ଆମର ଏହି ସଫଳତା କେବଳ ଖଣ୍ଡିଏ ଚିଠି ଯୋଗୁ ସମ୍ଭବ ହୋଇ ପାରିଛି ।

—ଚିଠି ? କିଏ ଦେଇଥିଲା ସେ ଚିଠି ? ? ପ୍ରଶ୍ନକଲେ ଜେମ୍ସ୍ ।

—ଜଣେ ଝିଅ ।

—ଝିଅ ? କ'ଣ ତାର ନାଆଁ ? ସେ କେଉଁଠି ??

—ତାଙ୍କ ନାଁ ମଣିମାଳା । ସେ ଏଇ ଆପଣ ମାନଙ୍କ ସମ୍ମୁଖରେ ବସିଛନ୍ତି । ସମସ୍ତେ ମଣିମାଳାଙ୍କୁ ପ୍ରଶଂସା ଦୃଷ୍ଟିରେ ଚାହିଁ ରହିଲେ । ମଣିମାଳାଙ୍କ ମୁହଁରେ ଛୋଟିଆ ହସଟିଏ ଫୁଟିଉଠିଲା—

ସି-ଟାଇଗର ସମୁଦ୍ରର ଢେଉ କାଟି କାଟି ସ୍ଥଳଭାଗ ଆଡ଼କୁ ଆଗେଇ ଚାଲିଥିଲା ।

Digitized by srujanika@gmail.com

ଲେଖକ ପରିଚୟ

କଟକ ଜିଲ୍ଲାର ଅଂଶୁପାହ୍ରଦ ତୀରବର୍ତ୍ତୀ ମାଳବିହାରପୁର ଗ୍ରାମରେ ୧୯୫୪ ମସିହାରେ ଶ୍ରୀ ଉପେନ୍ଦ୍ର କୁମାର ଜେନାଙ୍କର ଜନ୍ମ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ଓଡ଼ିଆରେ ଏମ୍. ଏ. ପାଶ୍ କରିଛନ୍ତି । ଓଡ଼ିଶାର ଶିଶୁପ୍ରିୟ ମାସିକ ପତ୍ରିକା କୁନିବଇକର ସେ ସମ୍ପାଦକ ଓ ପ୍ରତିଷ୍ଠାତା । ତାଙ୍କର ଶତାଧିକ ଲେଖା ଓଡ଼ିଶାର ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଛି । କଟକ ଆକାଶବାଣୀ କେନ୍ଦ୍ରରୁ ମଧ୍ୟ ତାଙ୍କର କେତେକ ଲେଖା ପ୍ରଚାରିତ ହୋଇଛି ।

ତାଙ୍କ ଦ୍ୱାରା ଲିଖିତ କୁହୁକ ଘଣ୍ଟି ଓ କୁହୁକ ଟୋପି ପୁସ୍ତକ ଦ୍ୱୟ ପାଠକ-ପାଠିକାଙ୍କ ଦ୍ୱାରା ବେଶ୍ ଆଦୃତ ହୋଇପାରିଛି ।

Digitized by srujanika@gmail.com